## ସଂକ୍ଷେପରେ

### କେନାଲରେ ପଡ଼ି ଚାଷୀଙ୍କ ମୃତ୍ୟୁ

**ଭଦ୍ରକ ଅଫିସ, ୯।୮:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଚରମ୍ପା ସାଳନ୍ଦୀ କେନାଲରେ ପଡ଼ି ଜଣେ ଚାଷୀଙ୍କ ଶୁକ୍ରବାର ସକାଳେ ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ କୁନ୍ତଳା ପଞ୍ଚାୟତ ଖିଲାରସାହିର ରାମଚନ୍ଦ୍ର ଖିଲାର(୪୨)। ସେ ଧାନ ତଳି ନେଇ କେନାଲ ଆଡ଼ିବନ୍ଧରେ ଯାଉଥିବା ବେଳେ ଭାରସାମ୍ୟ ହରାଇ କେନାଲକୁ ଖସି ପଡ଼ିଥିଲେ। ଅଧିକ ପାଣି କାରଣରୁ ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଭଦ୍ରକ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମାଞ୍ଚଳ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

### ଶିକ୍ଷାର ଅଗ୍ରଗତି ନେଇ ସଚେତନତା

**ଚାନ୍ଦବାଲି, ୯।୮ (ଡି.ଏନ.ଏ.):** ଇଗ୍ନୋ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚାନ୍ଦବାଲି କଲେଜ ପରିସରରେ ସ୍ନାତକ ଡିଗ୍ରୀ ଶିକ୍ଷା ସହ ବିଭିନ୍ନ ଧନ୍ଦାମୂଳକ ଶିକ୍ଷାର ଅଗ୍ରଗତି ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ନିମାଇଁ ପଟ୍ଟନାୟକଙ୍କ ସହ ଇଗ୍ନୋର ସହକାରୀ ଆଞ୍ଚଳିକ ନିର୍ଦ୍ଦେଶକ ସନ୍ତୋଷ ପାଣିଗ୍ରାହୀ, ଅଧାପକ ସୁଧାଂଶୁ ଶେଖର ମହାନ୍ତି, ଲିନା ମହାନ୍ତି, ଚାନ୍ଦବାଲି ଇଗ୍ନୋ ଷ୍ଟଡିସେଣ୍ଟର କୋଅର୍ଡିନେଟର ମାୟାଧର ମହାନ୍ତି, ଇଗ୍ନୋର ରାଜ୍ୟ କୋଅର୍ଡିନେଟର ତପନ କୁମାର ପରିଡ଼ାଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଶିକ୍ଷାର ବିକାଶ ଲାଗି ଭଦ୍ରକ ଜିଲାର ସମସ୍ତ କଲେଜ ଏବଂ ପ୍ରତି ପଞ୍ଚାୟତରେ ଏକ ସଚେତନତା ରଥ ବୁଲି ସଚେତନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଇଗ୍ନୋ ବିଶ୍ୱବିଦ୍ୟାଳୟ ଅଧୀନରେ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଛାତ୍ର ସମ୍ପୂର୍ଣ୍ଣ ଭାବେ ଦେୟମୁକ୍ତ ପାଠ ପଢ଼ିପାରିବେ ଏବଂ ଗ୍ରାମାଞ୍ଚଳରେ ବେକାର ଯୁବତୀଯୁବକ ଧନ୍ଦାମୂଳକ ଶିକ୍ଷା ଗ୍ରହଣ କରି ବିଭିନ୍ନ କର୍ମନିଯୁକ୍ତି ଲାଭ କରିପାରିବେ ବୋଲି ରାଜ୍ୟ କୋର୍ଡିନେଟର ପରିଡ଼ା ଅବଗତ କରାଇଥିଲେ।

### ୬ ବଖରା ଜଳିଗଲା

**ପଦ୍ମପୁର, ୯।୮ (ଡି.ଏନ.ଏ.):** ବାସୁଦେବପୁର ବ୍ଲକ ବାଲିମେଦ ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମର ରୀନା ମହାନ୍ତିଙ୍କ ଘରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୬ ବଖରା ଜଳିଯାଇଛି। ତାଙ୍କ ଘରେ ଥିବା ଧାନ, ଚାଉଳ, ୫୦ହଜାର ଟଙ୍କା ସହ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ସୁଷମା ସ୍ୱରାଜଙ୍କ ବିୟୋଗରେ ଶୋକସଭା

**ଭଣ୍ଡାରିପୋଖରୀ, ୯।୮ (ଡି.ଏନ.ଏ.):** ବରିଷ୍ଠ ଭାଜପା ନେତ୍ରୀ ତଥା ପୂର୍ବତନ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ବିୟୋଗରେ ଭଣ୍ଡାରିପୋଖରୀ ଭାଜପା କାର୍ଯ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ମଣ୍ଡଳ ସଭାପତି ଜଗବନ୍ଧୁ ଦାସ ସଭାପତିତ୍ୱ କରିଥିଲେ। ଭଦ୍ରକ ଜିଲା ସଭାପତି ବଦ୍ରିନାରାୟଣ ଧଳ, ନିର୍ମଳ ଚନ୍ଦ୍ର କର, କାର୍ତ୍ତିକ ସ୍ୱାଇଁ, ବସନ୍ତ ରାଉତ, ସତ୍ୟବ୍ରତ ଦାସ, ସୂର୍ଯ୍ୟମଣି ରାଉତ, ମୁକୁନ୍ଦ ମଲ୍ଲିକ, ତପସ୍ୱିନୀ ମହାପାତ୍ର, ଜୟସ୍ମିତା ଗୋଚ୍ଛାୟତ ଓ କମଳ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। କୀର୍ତ୍ତନ ଧଳ, ସୁଶାନ୍ତ ମହାପାତ୍ର, ରୁକ୍ମିଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା

# ଗୃହ ନିର୍ମାଣ କାର୍ଯ୍ୟରେ ମନ୍ଥରତା

**ବନ୍ତ, ୯।୮ (ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। କେନ୍ଦ୍ର ସରକାର ୨୦୨୨ ସୁଦ୍ଧା ସମସ୍ତଙ୍କୁ ପକ୍କାଘର ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଥିବା ବେଳେ ବ୍ଲକ ଓ ପଞ୍ଚାୟତସ୍ତରରେ କର୍ମଚାରୀମାନଙ୍କ ଖାମଖିଆଲି ନୀତି ଯୋଗୁ ସରକାରଙ୍କ ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ। ଆବାସ ବଣ୍ଟନରେ ଟାଳଟୁଳ ନୀତି ଓ ରାଜନୈତିକ ହସ୍ତକ୍ଷେପ କାରଣରୁ ହିତାଧିକାରୀ ଚୟନରେ ଅନିୟମିତତା ହେଉଥିବା ବହୁ ସମୟରେ ଅଭିଯୋଗ ମଧ ହେଉଛି। ରାଜନୈତିକ ଚାପରେ ଅଧିକାଂଶ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି ହେଲେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ତାଗିଦ୍ କରାଯାଉ ନାହିଁ। ଫଳରେ କାର୍ଯ୍ୟାଦେଶ ପାଇବାର ବର୍ଷାଧିକ କାଳ ବିତିଯାଉଥିଲେ ସୁଦ୍ଧା ଘର କାମ ଅଧାପନ୍ତରିଆ



ବନ୍ତରେ ଅଧାପନ୍ତରିଆ ଅବସ୍ଥାରେ ଥିବା ଏକ ଆବାସ।

ଅବସ୍ଥାରେ ପଡ଼ିରହିଥିବା ଦେଖାଯାଉଛି। ଅଧିକାଂଶ ଘର ଗ୍ରେଡବିମ୍ ପରେ ବନ୍ଦ ରହିଥିବାବେଳେ ଆଉ କେତେକ ନିମିଟାଲ କିମ୍ବା ଛାତ ଲେଭଲରେ ଅଟକି ରହିଛି। କେତେକ କ୍ଷେତ୍ରରେ ହିତାଧିକାରୀ ପ୍ରଥମ କିସ୍ତି ୨୦ ହଜାର ଟଙ୍କା ବ୍ୟାଙ୍କ ଆକାଉଣ୍ଟରୁ ଉଠାଣ କରିନେଇଥିଲେ ବି ଘର ନିର୍ମାଣ କାମ ଆରମ୍ଭ କରି ନ ଥିବା ଜଣାପଡ଼ିଛି। ବ୍ଲକ ପ୍ରଶାସନ ଓ ପଞ୍ଚାୟତ ଅଧିକାରୀମାନଙ୍କ ପକ୍ଷରୁ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ହିତାଧିକାରୀମାନଙ୍କୁ ମଝିରେ ନୋଟିସ ଜାରି କରାଯାଇଥିଲେ ମଧ ଏହାର ବିଶେଷ ପ୍ରଭାବ ପରିଲକ୍ଷିତ ହୋଇ ନାହିଁ।

ସରକାରୀ ତଥ୍ୟ ଅନୁଯାୟୀ, ୨୦୧୬-୧୭ ଆର୍ଥିକ ବର୍ଷରେ ଏହି ବ୍ଲକରେ ମୋଟ ୨୧୪୮ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିବାବେଳେ ୧୭୮୩ ଘର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ସେହିପରି ୨୦୧୭-୧୮ରେ ୧୨୪୯ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ୯୯୫ ଘର ନିର୍ମାଣ ସରିଛି। ୨୦୧୮-୧୯ରେ ୮୪୮ଟି ଘର ନିର୍ମାଣ ଲାଗି କାର୍ଯ୍ୟାଦେଶରୁ ୬୦୨ଟିର କାର୍ଯ୍ୟ ଶେଷ ହୋଇଥିବା ଜଣାପଡ଼ିଛି। ଚଳିତବର୍ଷ ବନ୍ତ ବ୍ଲକକୁ ୩୧୦୯ଟି ଘର ଟାର୍ଗେଟ ଦିଆଯାଇଥିଲେ ମଧ ଏପର୍ଯ୍ୟନ୍ତ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇ ନ ଥିବା ସୂଚନା ମିଳିଛି। ଏ ସମ୍ପର୍କରେ ବିଡିଓ ରେବେକା ବିଲୁଙ୍ଗଙ୍କୁ ପଚାରିବାରୁ କହିଛନ୍ତି, ଯେଉଁମାନଙ୍କର ଗୃହ ନିର୍ମାଣ ସରିନାହିଁ ସେମାନଙ୍କୁ ପୂର୍ବରୁ ଦୁଇଥର ନୋଟିସ୍ ଦିଆଯାଇଛି। ଚଳିତବର୍ଷର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯିବା ପରେ ପୂର୍ବର ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରି ନ ଥିବା ହିତାଧିକାରୀଙ୍କୁ ପୁଣି ନୋଟିସ୍ ଦିଆଯିବ ବୋଲି ସେ କହିଛନ୍ତି।



ଅନଶନରେ ବସିଥିବା ନୂଆଗାଁ ପଞ୍ଚାୟତବାସୀ।

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳି ଦାବିରେ ଆମରଣ ଅନଶନ

**ଲିଖିତ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ**

**ବାସୁଦେବପୁର, ୯।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନୂଆଗାଁ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳି ଦାବିରେ ସରପଞ୍ଚ ରଘୁନାଥ ମଲିକଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ଲୋକ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଆମରଣ ଅନଶନରେ ବସିଥିଲେ। ପୂର୍ବାହ୍ନ ୧୧ଟାଠାରୁ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ସେମାନେ ବସି ରହିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ପଞ୍ଚାୟତରେ ଠିକ୍ ଭାବେ ସରକାରୀ କାର୍ଯ୍ୟରେ ସରପଞ୍ଚଙ୍କୁ ସହଯୋଗ କରୁ ନ ଥିବାରୁ ତାଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରାଯିବାକୁ ପୂର୍ବରୁ ବିଡିଓଙ୍କୁ ଅବଗତ କରାଯାଇଥିଲା। ହେଲେ ଏ ଦିଗରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଅନଶନରେ ବସିଥିବା ପଞ୍ଚାୟତବାସୀ ପ୍ରକାଶ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ଯ୍ୟରେ ଅବହେଳା କରୁଥିବା ସରପଞ୍ଚ ମଳିକ ଲିଖିତ ଭାବେ ଦର୍ଶାଇଥିଲେ ମଧ ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବା ପରିବର୍ତ୍ତେ ଚୁପ୍ ହୋଇ ବସି ରହିଥିବା ଅଭିଯୋଗ ହୋଇଥିଲା। ସମିତିସଭ୍ୟ ମାଗୁଣି ମଳିକ, ଜିଲା କଂଗ୍ରେସ ସଭାପତି ଅଶୋକ କୁମାର ଦାସ, ପୂର୍ବତନ ଜିଲାପରିଷଦ ସଭ୍ୟ ପ୍ରଭାତ ବାରିକ, ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବଳ, ନରେନ୍ଦ୍ର ସ୍ୱାଇଁ ପ୍ରମୁଖ ଏହାକୁ ନୈତିକ ସମର୍ଥନ ଜଣାଇ ଆମରଣ ଅନଶନସ୍ଥଳରେ ଉପସ୍ଥିତ ଥିଲେ। ଅପରାହ୍ନରେ ବିଡିଓ ବୀରକିଶୋର ପାଣିଗ୍ରାହୀ ପହଞ୍ଚି ଅନଶନକାରୀଙ୍କୁ ବୁଝାଶୁଝା କରିଥିଲେ। ଏଥିସହିତ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଆସନ୍ତା ୧୫ ତାରିଖ ସୁଦ୍ଧା ଅନ୍ୟତ୍ର ବଦଳି ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆମରଣ ଅନଶନ ପ୍ରତ୍ୟାହୃତ ହୋଇଥିଲା।

# ୧୫୧ ଅଙ୍ଗନୱାଡି କେନ୍ଦ୍ର ଗୃହ ଅସମ୍ପୂର୍ଣ୍ଣ

**ବାସୁଦେବପୁର, ୯।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ୩୬ ପଞ୍ଚାୟତ ଓ ପୌରପାଳିକାର ୨୩ ୱାର୍ଡରେ ମୋଟ ୪୨୨ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ବ୍ଲକ ଅଧୀନରେ ୩୨୨ ଓ ପୌରପାଳିକା ଅଞ୍ଚଳରେ ୭୦ ଅଙ୍ଗନୱାଡି କେନ୍ଦ୍ର ଅଛି। ଏହି ୪୨୨ କେନ୍ଦ୍ରରେ ମୋଟ ୧୯, ୩୮୩ ଶିଶୁ ଅନ୍ତର୍ଭୁକ୍ତ। ସେମାନଙ୍କ ମଧ୍ୟରୁ ୩ ବର୍ଷ ପର୍ଯ୍ୟନ୍ତ ୧୦,୭୯୮ ପିଲା ଥିବାବେଳେ ୩ରୁ ୬ ବର୍ଷ ପର୍ଯ୍ୟନ୍ତ ୮,୫୮୮ ପିଲା ଅଛନ୍ତି। ତେବେ ବ୍ଲକ ଓ ପୌରପାଳିକା ଅଧୀନରେ କାର୍ଯ୍ୟକ୍ଷମ ଥିବା ଏହି ସମସ୍ତ ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ୩୫୪ କେନ୍ଦ୍ରର ଗୃହ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଲେଖାଏ ଅର୍ଥ ଯୋଗାଣ କରାଯାଇଛି। ସେଥିମଧ୍ୟରୁ ୩୧୫ଟିର ଗୃହ ନିର୍ମାଣ ଲାଗି ସିଡିପିଓଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଜସ୍ୱ ବିଭାଗ ସହଯୋଗରେ ସରକାରୀ ଭାବେ ଜମି ଚିହ୍ନଟ କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାମଧ୍ୟରେ ୧୬୪ କେନ୍ଦ୍ରର ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇ କେନ୍ଦ୍ରକୁ ହସ୍ତାନ୍ତର କରାଯାଇଥିବା ବେଳେ ଏସବୁ ପକ୍କାଘରେ ଚାଲୁଛି। ଅବଶିଷ୍ଟ ୧୫୧ କେନ୍ଦ୍ର ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ୧୨ଟିର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଥିବାବେଳେ ୨୮ କେନ୍ଦ୍ରରେ ଛାତ ପଡ଼ିସାରିଛି। ୫ଟିର ଛାତ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ବେଳେ ୫ଟି କେନ୍ଦ୍ର ଲିନ୍‌ଟାଲ ପର୍ଯ୍ୟନ୍ତ, ୩ ଟି ଝରକା ଲେଭଲ ଓ ୫ କେନ୍ଦ୍ରରେ ମୂଳଦୁଆ ପଡ଼ିରହିଛି। ଫଳରେ ଛାତ୍ରୀଛାତ୍ରଙ୍କୁ କେନ୍ଦ୍ର ନିକଟସ୍ଥ କ୍ଲବ ଘର ଓ ସ୍କୁଲ କ୍ୟାମ୍ପସରେ ପାଠପଢ଼ା ଯାଉଛି। ଉଲ୍ଲେଖନୀୟ ଯେ, ଏହି ସମସ୍ତ ଅଙ୍ଗନୱାଡି କନ୍ଦ୍ରର ପରିଚାଳନା ଦାୟିତ୍ୱ ବାସୁଦେବପୁର ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ଅଧୀନରେ ଥିବାବେଳେ ଏହି କାର୍ଯ୍ୟାଳୟରେ ୪ଟି ସୁପରଭାଇଜର ଓ ଗୋଟିଏ କିରାଣି ପଦବୀ ଏବେ ଫାଙ୍କା ପଡ଼ିଛି। ସେହିପରି ଦୁଇଟି ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ଏବଂ ୫ଟି ସହାୟିକା ପଦବୀ ଖାଲି ପଡ଼ିଥିବା ଜଣାପଡ଼ିଛି।

ଅସମ୍ପୂର୍ଣ୍ଣ ଗୃହ ସମ୍ପର୍କରେ ସିଡିପିଓ ଜାନକୀ ଦାସ କହିଛନ୍ତି, ଏହି ସମସ୍ତ କେନ୍ଦ୍ରରେ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ତେବେ ଅଙ୍ଗନୱାଡି କେନ୍ଦ୍ରରେ ଆସୁଥିବା ୧୯,୩୮୩ ଶିଶୁଙ୍କ ସ୍ୱାସ୍ଥ୍ୟ ଯତ୍ନ ପାଇଁ ଟିକାକରଣ, ଔଷଧ ବଣ୍ଟନ, ଖାଦ୍ୟବଣ୍ଟନ, ପୁଷ୍ଟିକର, ସ୍ତନ୍ୟପାନ ଓ ମମତା ଦିବସ ସମେତ ବିଭିନ୍ନ କାର୍ଯ୍ୟକ୍ରମ ଓ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ରକ୍ଷା ଦିଗରେ ବାସୁଦେବପୁର ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପକ୍ଷରୁ ସଫଳତା ପୂର୍ବକ ତଦାରଖ କରାଯାଉଛି। ଏଥିସହ ନିୟମିତ ଭାବେ ଖାଦ୍ୟର ମାନ ଯାଞ୍ଚ କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି। ନିର୍ମାଣାଧୀନ କେନ୍ଦ୍ର ଗୃହ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ ବାରମ୍ବାର ତାଗିଦ୍ କରୁଥିବା ମଧ କହିଛନ୍ତି।

## ବିଶ୍ୱ ସ୍ତନ୍ୟପାନ ଦିବସ

**ଭଦ୍ରକ ଅଫିସ, ୯।୮**

ଭଦ୍ରକ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ବୁଧବାର ପୂର୍ବାହ୍ନରେ ଅପର୍ତ୍ତିବିନ୍ଧା ଅଙ୍ଗନୱାଡି କେନ୍ଦ୍ରରେ ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ ହୋଇଯାଇଛି। ସିଡିପିଓ ଅନ୍ନପୂର୍ଣ୍ଣା ସିଙ୍କୁ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ସମାଜ ମଙ୍ଗଳ ଅଧିକାରୀ ଆଶାଲତା ମହାନ୍ତି ଯୋଗଦେଇ ସ୍ତନ୍ୟପାନ ଶିଶୁ ପାଇଁ ନିହାତି ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରୋଗ୍ରାମ ଅଫିସର ସଙ୍ଗୀତା ଦେ, ସାନିଟାରୀ ଇନ୍ସପେକ୍ଟର ତାପସ କୁମାର ସାମଲ ଓ ବନ୍ତର ପୂର୍ବତନ ସିଡିପିଓ ସୌଦାମିନୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସ୍ତନ୍ୟପାନ କରାଉଥିବା ମା', ଅଙ୍ଗନୱାଡି କର୍ମୀ ଓ ଶିଶୁ ବିକାଶ ପ୍ରକଳ୍ପର ସମସ୍ତ ମହିଳା ପରିଦର୍ଶିକା ଉପସ୍ଥିତ ଥିଲେ। ଏହି ସମ୍ବନ୍ଧୀୟ ସାଧାରଣଜ୍ଞାନ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ପ୍ରୀତିଲତା ପାଢ଼ୀ, ଲକ୍ଷ୍ମୀପ୍ରିୟା ସାହୁ, ବନ୍ଦନା ନାୟକ, ମଲ୍ଲୀଲତା ଦାସ, ମଞ୍ଜୁଶ୍ରୀ ପତି, ସତ୍ୟଭାମା ସାହୁ, ଅନ୍ନପୂର୍ଣ୍ଣା ସାହୁ, ନିବେଦିତା ଜେନା, ସୁଲୋଚନା ବେହେରା, ସମ୍ପା ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅପହୃତା ଛାତ୍ରୀ ଉଦ୍ଧାର ଘଟଣା

# ଥାନାରେ ଯୁବକ ଅଟକ

**ବନ୍ତ, ୯।୮ (ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଥାନା ଅଞ୍ଚଳରୁ ଗତ ମଙ୍ଗଳବାର ଅପହୃତା ଛାତ୍ରୀ ଉଦ୍ଧାର ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଛି। ଗୁରୁବାର ସମ୍ପୃକ୍ତ ନାବାଳିକାଙ୍କ ବୟାନ ରେକର୍ଡ ପରେ ରାତିରେ କାଦବରଙ୍ଗ ଅଞ୍ଚଳର ଉକ୍ତ ଯୁବକକୁ ପୋଲିସ ଥାନାକୁ ଆଣିଥିବା ଜଣାଯାଇଛି। ଅପହରଣ ଘଟଣାରେ ଯୁବକ ଜଣଙ୍କ ସମ୍ପୃକ୍ତ ଅଛନ୍ତି କି ନାହିଁ ସେନେଇ ତଦନ୍ତ ଚାଲିଛି। ଉଲ୍ଲେଖନୀୟ ଯେ, ଏହି ଥାନା ଅଧୀନ କାଦବରାଙ୍ଗ ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ସ୍କୁଲ ଆସୁଥିବା ରାସ୍ତାରୁ କେହି ଅପହରଣ କରିନେଇଥିଲେ। ଏଥିସହ ତାଙ୍କ ଘରକୁ ଫୋନରେ ଧମକ ଦେଉଥିବା ନେଇ ନାବାଳିକାଙ୍କ ମା' ଆଗରପଡ଼ା ଥାନାରେ ଅଭିଯୋଗ କରିଥିଲେ। ଅପହରଣର ୫ ଘଣ୍ଟା ପରେ ଟିଙ୍କିରା ନିକଟସ୍ଥ ସାଳନ୍ଦୀ ନଦୀକୂଳ ଏକ ଆମ୍ବତୋଟାରୁ ଅଚେତ ଅବସ୍ଥାରେ ଛାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୧୦୧/୧୯)ରୁଜୁହୋଇଛି।

# ବିଜ୍ଞାନ ଅଭିମୁଖୀ ଜନଯାତ୍ରା




ଶୋଭାଯାତ୍ରାରେ ସାମିଲ ଛାତ୍ରୀଛାତ୍ର ଓ ଶିକ୍ଷାବିତ୍।

**ଭଦ୍ରକ ଅଫିସ, ୯।୮**

ଭଦ୍ରକ ସହରର ଛାତ୍ରୀଛାତ୍ରଙ୍କ ଦ୍ୱାରା ଶୁକ୍ରବାର ବିଜ୍ଞାନ ଅଭିମୁଖୀ ଜନଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜରେ ବୈଜ୍ଞାନିକ ଚିନ୍ତାର ପ୍ରଚାର ପ୍ରସାର କରିବା ଏବଂ ପ୍ରଚଳିତ କୁସଂସ୍କାର, ଅନ୍ଧବିଶ୍ୱାସ ପ୍ରଥାକୁ ଦୂର କରିବା ଏହି ଜନଯାତ୍ରା ଉଦ୍ଦେଶ୍ୟ। ଏହି ପରିପ୍ରେକ୍ଷୀରେ ଟାଉନର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ର, ଶିକ୍ଷକ ଓ ବୁଦ୍ଧିଜୀବୀମାନେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ପରିକ୍ରମା କରି ଟାଉନ ହଲ୍ ପର୍ଯ୍ୟନ୍ତ ଯାଇଥିଲେ। ନିଜର ବକ୍ତବ୍ୟ ମାଧ୍ୟମରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ରିଡର ଡ. କମଳାକାନ୍ତ ଜେନା ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୁଦ୍ଧିଜୀବୀ ମଦନ ମୋହନ ମହାକୁଡ, ଅବସରପ୍ରାପ୍ତ ଶିକ୍ଷକ ଗୋପାଳ ଚନ୍ଦ୍ର ମହଲା, ଶିକ୍ଷକ ନିରଞ୍ଜନ ମହାନ୍ତି, ଅବସରପ୍ରାପ୍ତ ଅଧାପକ ଡ. ରମେଶ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପିଲାମାନେ ପ୍ରଶ୍ନ କରିବା ଓ ଯୁକ୍ତିତର୍କ ମାଧ୍ୟମରେ ସମସ୍ତ ବିଷୟକୁ ବିଶ୍ଳେଷଣ କରିବା ପାଇଁ ସେମାନେ ଆହ୍ୱାନ ଦେଇଥିଲେ। ଛାତ୍ର ମନୋଜ କୁମାର ସାହୁ, ସିଙ୍ଗରାଇ ମୁର୍ମୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହିତାଧିକାରୀଙ୍କୁ କାର୍ଯ୍ୟାଦେଶ

**ଚାନ୍ଦବାଲି, ୯।୮ (ଡି.ଏନ.ଏ.)**

ଚାନ୍ଦବାଲି ଏନ୍‌ଏସି ଅଧୀନ ବିଭିନ୍ନ ୱାର୍ଡରେ ୩୦୦ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏହି ଅବସରରେ ଚାନ୍ଦବାଲି ବ୍ଲକ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ବ୍ୟୋମକେଶ ରାୟ ଯୋଗଦେଇ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଭୁକଲ୍ୟାଣ ଦାସ, ଏସ୍.କେ. ମଜରୁଲ୍ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ୧୧ ଦିନରେ ପରୀ-୩ ଅଭିଯାନ

# ୫୧ ଶିଶୁ ଉଦ୍ଧାର

**ଭଦ୍ରକ ଅଫିସ, ୯।୮**

ଓଡ଼ିଶା ପୋଲିସ ଓ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ନିଖୋଜ ଶିଶୁଙ୍କ ତଲାସି ଅଭିଯାନ ପରୀ-୩ ଶୁକ୍ରବାର ୧୧ ଦିନରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପୋଲିସ, ଶିଶୁ ସୁରକ୍ଷା ବିଭାଗ, ଚାଇଲ୍ଡ ଲାଇନ, ଶ୍ରମ ବିଭାଗ, ପାରାଲିଗାଲ କର୍ମୀଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ମିଳିତ ସହଯୋଗରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏଥିସହ ବିପନ୍ନ ଅବସ୍ଥାରେ ଥିବା ଶିଶୁଙ୍କୁ ହୋଟେଲ, ଢାବା, ଗ୍ୟାରେଜ, ଫ୍ଲାଏ ଆସ୍ ବ୍ରିକ୍, ୱେଲ୍ଡିଂ ଦୋକାନରୁ ଉଦ୍ଧାର କରାଯାଉଛି। ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ପରୀ-୩ ଅଭିଯାନର ନୋଡାଲ ଅଧିକାରୀ ଡିଏସ୍‌ପି ସୁରେଶ ଜେନାଙ୍କ ତତ୍ତ୍ୱାବଧାନରେ ୨ଟି ଟିମ୍ ଗଠିତ ହୋଇ ଜିଲାସ୍ତରରେ ଅଭିଯାନ ଜାରି ରହିଛି। ଶୁକ୍ରବାର ମଧ୍ୟରେ ଏହି ଅଭିଯାନରେ ଜିଲାରୁ ୫୧ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ସମସ୍ତ ଶିଶୁଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇ ମାତାପିତା ତଥା ଅଭିଭାବକଙ୍କୁ ଚିହ୍ନଟ କରାଯାଇ ଥଇଥାନ କରାଯାଉଛି। ମାତାପିତା ନ ଥିବା ଶିଶୁଙ୍କୁ କିଶୋର ନ୍ୟାୟ ଆଇନ ଅନୁସାରେ ଥଇଥାନ ଦିଗ ପ୍ରତି ଗୁରୁତ୍ୱ ଦିଆଯାଉଛି ବୋଲି ପରୀ ଟିମ୍ ପକ୍ଷରୁ ସୂଚନା ମିଳିଛି। ଶୁକ୍ରବାର ବାସୁଦେବପୁର ଅଞ୍ଚଳରୁ ୭ ଜଣଙ୍କ ସମେତ ଏଡ଼ତାଳ, ବାରିକଛକରୁ ମୋଟ ୯ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା। ଏହି ଅଭିଯାନରେ ୨ଟି ଟିମ୍ ଥିବାବେଳେ ଇନ୍ସପେକ୍ଟର ଜୀବନମୋହନ ସିଂହ, ପ୍ରୋବେଶନ ଅଧିକାରୀ ସୁବ୍ରତ ଦାସ, ଶ୍ରମ ବିଭାଗରୁ ସୁନନ୍ଦା ବିଶ୍ୱାଳ, ବିକାଶ ରାଉତ, କମଳା ମିଶ୍ର, ରଶ୍ମିତା ସାହୁ ଓ ଅକ୍ଷୟ ସାହୁ ପ୍ରମୁଖ ସାମିଲ ଅଛନ୍ତି।

# ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ, ବୃକ୍ଷରୋପଣ

**ଭଣ୍ଡାରିପୋଖରୀ, ୯।୮ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀସ୍ଥିତ ଶୁକଦେବ ଜେନା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ ପାଳନ କରାଯାଇଛି। ଧାମନଗର ବନ୍ୟପ୍ରାଣୀ ଓ ଯାଜପୁର ରୋଟାରୀ କ୍ଲବ ମିଳିତ ଆନୁକୂଲ୍ୟରେ ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଗିରୀଶ ବିହାରୀ ମିଶ୍ରଙ୍କ ପୌରୋହିତ୍ୟରେ ସଭା ହୋଇଥିଲା। ଧାମନଗର ରେଞ୍ଜ ଅଧିକାରୀ ସମୀର ରାଉତ, ଅବସରପ୍ରାପ୍ତ ଚିକିତ୍ସାଧିକାରୀ କ୍ଷୀରୋଦ ମହାନ୍ତି, ଯାଜପୁର ରୋଟାରୀ କ୍ଲବ ସଭାପତି ଜୟନ୍ତ ନାୟକ, ରୋଟାରିଆନ ଡା. ପରମାନନ୍ଦ ପତି, ବ୍ଲକ କୃଷି ଅଧିକାରୀ ବ୍ରଜକିଶୋର ବେହେରା, ବନପାଳ ପ୍ରକାଶ ଦାସ ପ୍ରମୁଖ ଯୋଗଦେଇଥିଲେ। ମାନବ ସମାଜ, ବୃକ୍ଷ ଓ ବନ୍ୟପ୍ରାଣୀ ପରସ୍ପର ପରିପୂରକ। ଜଙ୍ଗଲ କ୍ଷୟ ଯୋଗୁ ବନ୍ୟପ୍ରାଣୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଖାଦ୍ୟଶୃଙ୍ଖଳ, ଖାଦ୍ୟଜାଲିର ଭାରସାମ୍ୟ ପାଇଁ ବନ୍ୟଜନ୍ତୁଙ୍କ ସଂରକ୍ଷଣ ଏକାନ୍ତ ଅପରିହାର୍ଯ୍ୟ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ବଳଦେବଜୀଉ ହାଇସ୍କୁଲ ପ୍ରଧାନଶିକ୍ଷକ ରବୀନ୍ଦ୍ର ମହାରଣା, ବସନ୍ତ ତ୍ରିପାଠୀ, ରାଜକିଶୋର ବେହେରା, ଗଗନ ବିହାରୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳରେ ବୃକ୍ଷରୋପଣ କରାଯାଇଥିଲା। ମୁରଲୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ବୃକ୍ଷରୋପଣ ଅବସରରେ ଛାତ୍ର ଓ ଅତିଥିମାନେ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଉପରେ ଗୁରୁତ୍ୱ

**ବନ୍ତ, ୯।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରେବେକା ବିଲୁଙ୍ଗ ଏଥିରେ ଅଧକ୍ଷତା କରିଥିଲେ। ବ୍ଲକ ଅଧକ୍ଷ ଦେବେନ୍ଦ୍ର କୁମାର ଜେନା, ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ, ପଞ୍ଚାୟତ ଅଧିକାରୀ ନିଶିକାନ୍ତ ଖୁଣ୍ଟିଆ, ଜିଲା ପ୍ରକଳ୍ପ ଅଧିକାରୀ ସୁଲୋଚନା ଦାସ, ଗ୍ରାମୀଣ ମହିଳା ଓ କୃଷି ବିକାଶ ସଙ୍ଗଠନର ସଭାପତି ଦିବାକର ମଲ୍ଲିକ ପ୍ରମୁଖ ଯୋଗଦେଇ ବନ୍ୟା, ବାତ୍ୟା, ଦୈବ ଦୁର୍ବିପାକ ଭଳି ପ୍ରାକୃତିକ ବିପର୍ଯ୍ୟୟକୁ କିଭଳି ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ।

ଏହି ଅବସରରେ ବନ୍ତ ବ୍ଲକର ବନ୍ୟା ପ୍ରବଣ ଅଞ୍ଚଳ ଭାବେ ଅଣିଜୋ, ଚାରିଗାଁ, ଗୋପୀନାଥପୁର, କେନ୍ଦୁଆପଦା, ରାମଚନ୍ଦ୍ରପୁର, ରାମକୃଷ୍ଣପୁର ଆଦି ୬ଟି ପଞ୍ଚାୟତର ୧୭ଟି ଗ୍ରାମକୁ ଚୟନ କରାଯାଇଥିବା ସୂଚନା ଦିଆଯାଇଥିଲା। ସେଥିମଧ୍ୟରେ ବିରିଡ଼ି, ଆର୍‌ଏନ୍ ମଙ୍ଗଳପୁର, ଚାରିଗାଁ, ଚକ୍ରାପାଢ଼ୀ, ସାହୁପଡା ଶାସନ, ସନ୍ଧାଡୋ, ଦଣ୍ଡୋ, ସରିପଲ, ପାନପଦୀ, ନିମାପଡା, ଗୋବିନ୍ଦପୁର, ନାହୋ, ରାମପୁର ସମେତ ୧୭ଟି ଗ୍ରାମ ଥିବା ଜଣାଯାଇଛି। ଏସବୁ ରାଜସ୍ୱ ଗ୍ରାମରେ ଗ୍ରାମ୍ୟ ବିପର୍ଯ୍ୟୟ କମିଟି ଗଠନ କରାଯାଇ ଏହା ଅଧୀନରେ ୯ଟି ଟିମ୍ ରହିବ। ଏହି ଟିମ୍‌ରେ ସତର୍କ ସୂଚନା ପ୍ରଦାନକାରୀ, ଉଦ୍ଧାରକାରୀ, ଆଶ୍ରୟସ୍ଥଳ ପରିଚାଳନା, ପ୍ରାଥମିକ ଚିକିତ୍ସାକାରୀ, ଜଳ ପରିମଳ, ମୃତଦେହ ସତ୍କାର, ପରାମର୍ଶଦାତା, କ୍ଷୟକ୍ଷତି ଆକଳନକାରୀ ଦଳ ରହିବେ। ପ୍ରତ୍ୟେକ ଗ୍ରାମର ୱାର୍ଡସଭ୍ୟ, ମହିଳା ସମିତିସଭ୍ୟ, ଯୁବକ ସଂଘ, ଅବସରପ୍ରାପ୍ତ କର୍ମଚାରୀ, ସ୍କୁଲର ପ୍ରଧାନଶିକ୍ଷକ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଅନୁସୂଚିତ ଜାତି, ଜନଜାତି ସଭ୍ୟ, ଚୌକିଦାର ଓ କୃଷି କର୍ମଚାରୀମାନେ ସଭ୍ୟ ଭାବେ ରହିପାରିବେ ବୋଲି କୁହାଯାଇଥିଲା। କମିଟି ଗଠନ ହେବା ପରେ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ଆଲୋଚନା କରାଯିବା ସହ ଗ୍ରାମର ସାମାଜିକ, ରାସ୍ତା, ସଙ୍କଟ ଆଦି ବିଭିନ୍ନ ମାନଚିତ୍ର ପ୍ରସ୍ତୁତ କରାଯାଇ ଜିଲା ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ବିଭାଗକୁ ପଠାଯିବା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ବ୍ଲକର ସମସ୍ତ ଜନପ୍ରତିନିଧି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବୈଠକରେ ଯୋଗଦେବାକୁ ଥିବାବେଳେ ଅଳ୍ପସଂଖ୍ୟକ ଉପସ୍ଥିତ ଥିବାର ଦେଖାଯାଇଥିଲା।

## ସଂକ୍ଷେପରେ

### ଅଜଣା ରୋଗରେ ଶତାଧିକ ଗୋରୁ ଆକ୍ରାନ୍ତ



କୁଆମରା,୯।୮(ଡି.ଏନ୍.ଏ.)- ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଶତାଧିକ ଗୋରୁ ଅଜଣା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏହି ରୋଗ କ୍ରମେ ବିଭିନ୍ନ ଗ୍ରାମକୁ ବ୍ୟାପିବାର ଲାଗିଛି। ଏହି ରୋଗରେ ଗୋରୁଗୁଡିକ ପ୍ରଥମେ ଘୁମାଉଛନ୍ତି ଓ ପରେ ଦୁର୍ବଳ ହୋଇ ପଡୁଛନ୍ତି। ଦିନକ ପରେ ସେମାନଙ୍କ ଶରୀରରେ ଆବୁ ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ଜ୍ୱର ହେବାରୁ ଗୋରୁ ଖିଆପିଆ ଛାଡ଼ି ପଡି ରହୁଛନ୍ତି। ଗୋଟିଏ ଗୋରୁକୁ ଏହି ରୋଗ ହେଲେ ନିକଟରେ ଥିବା ଅନ୍ୟ ଗୋରୁଙ୍କୁ ମଧ ବ୍ୟାପୁଛି। ତେବେ ଏହା ବସନ୍ତ ରୋଗ ବୋଲି ପ୍ରାଣୀ ଚିକିତ୍ସକ କହୁଥିବା ବେଳେ ଏହାର ପ୍ରତିଷେଧକ ଟୀକା କିମ୍ବା ଔଷଧ ପହଞ୍ଚି ନ ଥିବା କହିଛନ୍ତି। ଏହାର ନିରାକରଣ ପାଇଁ ପ୍ରତିଷେଧକ ଟୀକା ଯୋଗାଇ ଦେବାକୁ ଦାବି ହେଉଛି। ନଚେତ ଆଗାମୀ ଦିନରେ ଗୋ-ମଡକ ଆଶଙ୍କାକୁ ଏଡାଇ ଦିଆ ଯାଇ ନ ପାରେ।

### ବିଶ୍ୱ ଆଦିବାସୀ ଦିବସକୁ ସରକାରୀ ଛୁଟି ଘୋଷଣା ଦାବି

ବାରିପଦା ଅଫିସ,୯।୮- ବିଭିନ୍ନ ସଂଗଠନ ପକ୍ଷରୁ ଶୁକ୍ରବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି । ଏହି ଦିବସକୁ ସରକାରୀସ୍ତରରେ ଛୁଟି ଘୋଷଣା କରାଯିବା ପାଇଁ ଆଦିବାସୀ ଛାତ୍ର ସଂଘ ପକ୍ଷରୁ ଦାବି କରାଯାଇଛି । ଏ ନେଇ ଜିଲା ପ୍ରଶାସନ ଜରିଆରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ଦାବିପତ୍ର ପଠାଯାଇଛି। ସେହିପରି ମୟୂରଭଞ୍ଜ ଜିଲାର ଆଦିବାସୀ ଲୋକକଳାକୁ ସୁରକ୍ଷିତ ରଖିବା ପାଇଁ ବାରିପଦାରେ ଏକ ଆଦିବାସୀ ପଡ଼ିଆ ଚିହ୍ନଟ କରାଯିବା, ବାରିପଦାରେ ଆଦିବାସୀ ସଂଗ୍ରହାଳୟ ସ୍ଥାପନ କରି ଆଦିବାସୀଙ୍କ ବ୍ୟବହୃତ ବିଭିନ୍ନ ସାମଗ୍ରୀକୁ ରଖାଯିବା ଏବଂ ଜିଲାରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ଖୋଲିବା ପାଇଁ ସଂଗଠନର ସମ୍ପାଦକ ଦାନ୍ଧୁ ମୁର୍ମୁ ଦାବି କରିଛନ୍ତି । ସେହିପରି ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା, ମାରିସା ସେନା ଓ ଅନ୍ୟ ସଂଗଠନଗୁଡ଼ିକ ପକ୍ଷରୁ ଏହି ଦିବସକୁ ମହାସମାରୋହରେ ପାଳନ କରାଯାଇଛି ।

### 'ମା ତୁମ୍ଭେ ସଲାମ' କାର୍ଯ୍ୟକ୍ରମ

ବଡ଼ସାହି,୯।୮(ସ୍ୱ.ପ୍ର)- ବଡସାହି ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ କ୍ରାନ୍ତି ଦିବସ ଅବସରରେ 'ମା ତୁମ୍ଭେ ସଲାମ' କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଭାରତୀୟ ଶହୀଦଙ୍କ ପାଇଁ ପରେଡ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ପୁହାଣ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବଡସାହି ଥାନା ଅଧିକାରୀ ବିଶ୍ୱଜ କୁମାର ରାଉତରାୟ, ମୁଖ୍ୟବକ୍ତା ଭାବେ ସମାଜସେବୀ ବସନ୍ତ କୁମାର ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ଏଏସ୍ଆଇ ବିଶ୍ୱନାଥ ଗିରି, ଅତୁଲ୍ୟସୁନ୍ଦର ଭଞ୍ଜବାବୁ, ରିନା ଷଡଙ୍ଗୀ, ଯୋଗେଶ୍ୱର ସାହୁ ଯୋଗଦାନ କରି ଭାରତରେ କ୍ରାନ୍ତି ଇତିହାସରେ ଉତ୍କଳର ଭୂମିକା ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗୁରୁବାର ସନ୍ଧ୍ୟାରେ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବକ୍ତୃତା ପ୍ରତିଯୋଗିତାରେ ସୁଶାନ୍ତି ବିନ୍ଧାଣୀ ପ୍ରଥମ, ମନୋଜ ଭଞ୍ଜବାବୁ ଦ୍ୱିତୀୟ ଓ ରାଜକିଶୋର ବାସ୍କେ ତୃତୀୟ ଓ ସଂଗୀତ ପ୍ରତିଯୋଗିତାରେ ଜଲି ସିଂ ପ୍ରଥମ, ଶୁଭଲିପ୍ସା ମହାପାତ୍ର ଦ୍ୱିତୀୟ ଓ ସବ୍ୟସାଚୀ ସିଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ଡା. କୁମାର ବାବୁଲି ଓ ଗୁରୁମା କବିରାଣୀ ସେଠୀ, ଲିପିକା ସାହୁ ଓ ଶିବମ୍ ପ୍ରକାଶ ଜେନା ପରିଚାଳନା କରିଥିଲେ। ସଞ୍ଜୀବ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।

### ସାରସକଣାରେ ସିପିଆଇର ପ୍ରତିବାଦ ସଭା

ସାରସକଣା,୯।୮(ଡି.ଏନ୍.ଏ.)- ଜମ୍ମୁ -କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ପ୍ରତିବାଦରେ ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ସମ୍ମୁଖରେ ସିପିଆଇ ପକ୍ଷରୁ ଶୁକ୍ରବାର ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସାରସକଣା-ଝାଡପୋଖରିଆ ଅଞ୍ଚଳ କମିଟି ପକ୍ଷରୁ ଆୟୋଜିତ ଏହି ପ୍ରତିବାଦ ସଭାରେ ସାଥୀ ବଳାରାମ ମହାନ୍ତ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧରେ ସିପିଆଇ ଜିଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ଝାଡପୋଖରିଆ-ସାରସକଣା ଜୋନ ସମ୍ପାଦକ ପରମେଶ୍ୱର ମହାନ୍ତ, ହୃଷିକେଶ ସାହୁ, ରଥ ସିଂ, ଶିବୁ ହେମ୍ବ୍ରମ, ଉତ୍ତରା ବେହେରା, ପଦ୍ମାବତୀ ମହାନ୍ତ, ବିମଳା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# କର୍ମଚାରୀ ପଦବୀ ପୂରଣ ହେଉନି

ବାରିପଦା ଅଫିସ,୯।୮

ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ମୟୂରଭଞ୍ଜ ଜିଲା ଶାଖାର ଏକ ସାଧାରଣ ବୈଠକ ସଂଘର ଉପସଭାପତି ଶ୍ୟାମସୁନ୍ଦର ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ଥାନୀୟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ଡାକ୍ତର, ଫାର୍ମସିଷ୍ଟ, ନର୍ସ, ରେଡିଓଗ୍ରାଫର, ମହିଳା ସ୍ୱାସ୍ଥ୍ୟକର୍ମୀ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ପଦବୀ ପାଇଁ ନୂତନ ନିଯୁକ୍ତି କରାଯାଉଥିବା ବେଳେ ୪ର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି କରାଯାଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ସରକାର ତୁରନ୍ତ ଏହି ମେଡିକାଲ କଲେଜ ପାଇଁ ୫୦୦ଟି ୪ର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି କରାଯିବା ନେଇ ଦାବି କରାଯାଇଥିଲା। ସେହିପରି ମେଡିକାଲ କଲେଜର ୪୬ଟି ଆଟେଣ୍ଡାଣ୍ଟ ପଦବୀ ପୂରଣ କରିବା ପାଇଁ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବା ସଂଘ ଅଭିଯୋଗ କରିଛି। କେତେକ ୪ର୍ଥ ଶ୍ରେଣୀ କର୍ମଚାରୀ ୬ ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିଥିଲେ ମଧ ସେମାନଙ୍କୁ ନିୟମିତ କରାଯାଉ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହା ସହିତ ୪ର୍ଥ ଶ୍ରେଣୀ କର୍ମଚାରୀମାନଙ୍କର ପିସି ବସାଇ ପଦୋନ୍ନତି ସହିତ ସେମାନଙ୍କ ଲାଗି ବାସଗୃହ ଏବଂ ଡ୍ୟୁଟି ରୁମର ବ୍ୟବସ୍ଥା କରାଯିବା ସକାଶେ ମଧ ସଂଘ ପକ୍ଷରୁ ଦାବି କରାଯାଇଛି। ଉପରୋକ୍ତ ସମସ୍ତ ଦାବି ସମ୍ପର୍କରେ ଗତ ୨୩ ଜୁଲାଇରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ ପୂରଣ କରାଯାଇନାହିଁ। ଆସନ୍ତା ୩ ଦିନ ମଧରେ ଦାବି ପୂରଣ ନ ହେଲେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଂଘ ନିଷ୍ପତ୍ତି ନେଇଛି। ବୈଠକରେ ରାଜ୍ୟ ସଂଘର ସଭାପତି ଦିଲୀପ କୁମାର ମିଶ୍ର, କୋଷାଧ୍ୟକ୍ଷ ସୁବୋଧ କୁମାର ଜେନା, ସୁନ୍ଦର ମୋହନ ପାଢ଼ୀ, କୃଷ୍ଣଚନ୍ଦ୍ର ଦାସ, ଚିନ୍ତାମଣି ଦାସ, ରାମକୃଷ୍ଣ ତୁଙ୍ଗ, ଗଣେଶ୍ୱର ସିଂ, ଗତିକୃଷ୍ଣ ପଲେଇ, ମହେନ୍ଦ୍ର ପଲେଇ, ସନ୍ତୋଷ କୁମାର ନାୟକ, ବିଶ୍ୱଶଙ୍କର କଲିଆ, ପ୍ରମୋଦ କୁମାର ଦାସବାବୁ, ଅଜନ୍ତା ସାଠିଆ, କାହ୍ନୁଚରଣ ସେଠୀ, ଲୁଧିମଣି ଦେଇ, ସୁଜାତା ମହାନ୍ତ, ବିଜୟ ଲକ୍ଷ୍ମୀ ମହାନ୍ତ, ସୁଚିତ୍ରା ମହାକୁଡ ଓ ମମତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତାବୃନ୍ଦ।

- ମେଡିକାଲ କର୍ମଚାରୀ ସଂଘ ସାଧାରଣ ବୈଠକରେ ଉଦ୍‌ବେଗ
- ୩ଦିନ ମଧରେ ଦାବି ପୂରଣ ନ ହେଲେ ଆନ୍ଦୋଳନ

## 'ଚାକିରି କ୍ଷେତ୍ରରେ ବିଇଡି ଓ ଏମଇଡି ଛାତ୍ରୀଛାତ୍ରଙ୍କୁ ସୁଯୋଗ ଦିଆଯାଉ'

ବାରିପଦା ଅଫିସ,୯।୮

ଚାକିରି ପାଇବା ନିମନ୍ତେ ଛାତ୍ରୀଛାତ୍ରମାନେ ସାଧାରଣତଃ ବିଇଡି ଏବଂ ଏମଇଡି କୋର୍ସ କରିଥାନ୍ତି । ତେଣୁ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନରେ ବିଇଡି କୋର୍ସରେ ସ୍ଥାନ ପାଉ ନ ଥିବା ଛାତ୍ରୀଛାତ୍ରମାନେ ରାଜ୍ୟ ବାହାରର ଶିକ୍ଷାନୁଷ୍ଠାନରେ ଅଧିକ ଟଙ୍କା ଖର୍ଚ୍ଚ କରି ପାଠ ପଢୁଛନ୍ତି। ରାଜ୍ୟ ବାହାର ବିଶ୍ୱବିଦ୍ୟାଳୟ ଦ୍ୱାରା ଦିଆଯାଉଥିବା ବିଇଡି ସାର୍ଟିଫିକେଟ ଓଡ଼ିଶାରେ ଚାକିରି କରିବା ନିମନ୍ତେ ବୈଧ ହେବା ନେଇ ଆଶଙ୍କା ଉପୁଜିଥିବାବେଳେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧୀନରେ ସମନ୍ୱିତ ବିଇଡି,ଏମଇଡି ପଢୁଥିବା ଛାତ୍ରୀଛାତ୍ରମାନେ ରାଜ୍ୟ ସରକାରଙ୍କ ବିଭିନ୍ନ ଚାକିରି ପାଇଁ ଆବେଦନ କରି ନ ପାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ତେଣୁ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ରିଆଡ୍‌ମିଶନ କରୁନାହାନ୍ତି। ରାଜ୍ୟ ସରକାରଙ୍କର ଏଭଳି କାର୍ଯ୍ୟଧାରାକୁ ନେଇ ସମନ୍ୱିତ ବିଇଡି, ଏମଇଡି ଛାତ୍ରୀଛାତ୍ରମାନେ ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ଡ.ସୁସ୍ମିତା କର ଏବଂ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରଦୀପ କୁମାର ଚାନ୍ଦଙ୍କୁ ଭେଟି ଅସୁବିଧା ବିଷୟରେ ଜଣାଇଛନ୍ତି। ରାଜ୍ୟ ସରକାର ସେଲଫ୍ ଫାଇନାନ୍ସିଂ ମୋଡରେ ବିଇଡି କେବଳ ଓଡ଼ିଶାର ସ୍ୱୟଂଶାସିତ ମହାବିଦ୍ୟାଳୟଗୁଡ଼ିକରେ ଖୋଲିବାକୁ ସୁଯୋଗ ଦେଇଛନ୍ତି, ଯାହା ଚାହିଦା ମୁତାବକ ଯଥେଷ୍ଟ ନୁହେଁ। ତେଣୁ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗର ଧାରା ୨ (ଏଫ) ଏବଂ ୧୨ (ବି)ରେ ସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟକୁ ବିଏ, ବିଇଡି. ଏବଂ ବିଏସସି, ବିଇଡି ଖୋଲିବାକୁ ସୁଯୋଗ ଦେଲେ ରାଜ୍ୟ ସରକାରଙ୍କର ଚାହିଦା ମୁତାବକ ବିଇଡି ଶିକ୍ଷକ ହୋଇପାରନ୍ତେ । ସେଲଫ୍ ଫାଇନାନ୍ସିଂ ମୋଡରେ ରାଜ୍ୟ ସରକାର ଅନୁମତି ଦେଉଥିବା ଅନ୍ୟାନ୍ୟ ଇଚ୍ଛୁକ ମହାବିଦ୍ୟାଳୟକୁ ବିଏ, ବିଇଡି ଏବଂ ବିଏସସି ବିଇଡି ଖୋଲିବାକୁ ଅନୁମତି ଦେବା ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ସମନ୍ୱିତ ବିଇଡି, ଏମଇଡି ଛାତ୍ରଛାତ୍ରୀମାନଙ୍କୁ ଓଟିଇଟି, ଓଏସଏସଟିଇଟି, ସିଟିଇଟି, ୟୁଜିସିଏନଇଟି ଚାକିରି ନିମନ୍ତେ ଆବେଦନ କରିବାକୁ ସୁଯୋଗ ଦେବାକୁ ସଚେତନ ନାଗରିକ ମଞ୍ଚ ସଭାପତି ତଥା ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏକାଡେମିକ କାଉନସିଲ ସଦସ୍ୟ ପ୍ରଦୀପ କୁମାର ନାୟକ ଦାବି କରିଛନ୍ତି।

## ୬ ମାସ ବିଳମ୍ବରେ ବୃତ୍ତି ପରୀକ୍ଷା, ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର

ବେତନଟୀ,୯।୮(ଡି.ଏନ୍.ଏ.)–

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ୩ୟ, ୫ମ ଓ ୭ମ ଶ୍ରେଣୀର ବୃତ୍ତି ପରୀକ୍ଷା ଅନୁଷ୍ଠିତ ହେଉଛି। ଏହି ପରୀକ୍ଷା ୬ ମାସ ବିଳମ୍ବରେ ଅର୍ଥାତ ଛାତ୍ରୀଛାତ୍ର ପରବର୍ତ୍ତୀ ଶ୍ରେଣୀର ପଢୁଥିବା ସମୟରେ କରାଯାଉଛି। ଯିଏ ଯେଉଁ ବର୍ଷର ଛାତ୍ରୀଛାତ୍ର ସେହି ଶ୍ରେଣୀରେ ପରୀକ୍ଷା ନ ଦେଇ ପରବର୍ତ୍ତୀ ଶ୍ରେଣୀ(ବର୍ଷ)ରେ ପରୀକ୍ଷା ଦେବା ବ୍ୟବସ୍ଥାକୁ ବିରୋଧ କରି ରାଜ୍ୟ ଓ ଜାତୀୟସ୍ତରର ପୁରସ୍କୃତ ଶିକ୍ଷକ ବେତନଟୀ ଅଞ୍ଚଳର ସଚ୍ଚିଦାନନ୍ଦ ମହାନ୍ତି ଗୁରୁବାର ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ ନିକଟକୁ ଏକ ଦାବିପତ୍ର ପଠାଇଛନ୍ତି। ସେ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଜିଲାଶିକ୍ଷା ଅଧିକାରୀମାନଙ୍କ ଦ୍ୱାରା ପରିଚାଳିତ ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷା, ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ନିୟନ୍ତ୍ରିତ ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାକୁ ପରବର୍ତ୍ତୀ ଶିକ୍ଷା ବର୍ଷର ଅଗଷ୍ଟ ମାସରେ, ୭ମ ଶ୍ରେଣୀ ପିଲାମାନଙ୍କ ପାଇଁ ହେଉଥିବା ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି ପରୀକ୍ଷା (ଏନ୍‌ଆର୍‌ଟିଏସ୍)କୁ ପରବର୍ତ୍ତୀ ଶିକ୍ଷା ବର୍ଷର ୬ ମାସ ପରେ ଅର୍ଥାତ୍ ସେପ୍ଟେମ୍ବର ତଥା ଅକ୍ଟୋବର ମାସରେ କରାଯାଉଛି। ଚଳିତ ବର୍ଷ ମଧ ଏହି ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରମାନଙ୍କୁ ଗୋଟିଏ ବର୍ଷରେ ଦୁଇଟି ଶ୍ରେଣୀର ପାଠ ପଢିବାକୁ ବାଧ କରାଯାଉଛି। ସୂଚନାଯୋଗ୍ୟ ୩ୟ ଓ ୫ମ ଶ୍ରେଣୀର ବୃତ୍ତି ପରୀକ୍ଷା ଆସନ୍ତା ଅଗଷ୍ଟ ୧୮ରେ ହେବ ବୋଲି ସୂଚନା ମିଳିଥିବା ବେଳେ ଏନ୍‌ଆର୍‌ଟିଏସ୍ ପରୀକ୍ଷା ତାରିଖ ମାଧ୍ୟମିକ ଶିକ୍ଷା ବୋର୍ଡ କର୍ତ୍ତୃପକ୍ଷ ପ୍ରକାଶ କରି ନାହାନ୍ତି। ଛାତ୍ରୀଛାତ୍ରଙ୍କର ବସ୍ତାନି ବୋଝ କମାଇବା ପାଇଁ ଗଣଶିକ୍ଷା ବିଭାଗ ଜିଲା ଓ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀଙ୍କୁ ଚିଠି କରି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି, ମାତ୍ର ଗତ ବର୍ଷର ପାଠପଢାକୁ ଚଳିତ ଶିକ୍ଷା ବର୍ଷର ଅଧାରେ ପରୀକ୍ଷା କରାଇବା କେଉଁ ପ୍ରକାର ବ୍ୟବସ୍ଥା ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

### ଉଦଳା ମହାବିଦ୍ୟାଳୟରେ ଚାରାରୋପଣ

ଉଦଳା, ୯।୮ (ଡି.ଏନ୍.ଏ.)– ଉଦଳା ମହାବିଦ୍ୟାଳୟ ଯୁବ ରେଡକ୍ରସ୍, ଏନଏସଏସ ଏବଂ ସ୍କାଉଟ୍ ଗାଇଡର ମିଳିତ ସହଯୋଗରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଜ୍ୟୋତିରଞ୍ଜନ ଦାସ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଚାରାରୋପଣ କାର୍ଯ୍ୟକ୍ରମର ଉପକାରିତା ସ୍ୱେଚ୍ଛାସେବୀମାନଙ୍କୁ ବୁଝାଇ ଥିଲେ। ପରେ ନିକଟବର୍ତ୍ତୀ ୩ଟି ଗ୍ରାମ ମଧୁପୁର, ଟଣକାସାହି ଏବଂ କୁଅଁରପାଳକୁ ଯାଇ ସ୍ୱେଚ୍ଛାସେବୀମାନେ ୨ ଶହରୁ ଊର୍ଦ୍ଧ୍ୱ ଗଛ ଲଗାଇଥିଲେ। କାର୍ଯ୍ୟକ୍ରମରେ ଯୁବ ରେଡକ୍ରସର କାଉନସେଲର ଡ.ଯତୀନ କୁମାର ମହାକୁଡ, ସହ କାଉନସେଲର ଭାରତୀ ନାୟକ, ସ୍ନିଗ୍ଧା ଅଗ୍ରୱାଲ୍, ଏନଏସଏସର ପ୍ରୋଗ୍ରାମ୍ ଅଫିସର ଉତ୍ତମ ସୋରେନ୍, ଚୈତନ୍ୟ ପ୍ରସାଦ ମାଝି ଏବଂ ସ୍କାଉଟ୍ ଗାଇଡ ଅଫିସର ଯୋଗେଶ କୁମାର ମହାକୁଡ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

## ଖୁଣ୍ଟାରେ ବିଶ୍ୱ ଆଦିବାସୀ ଦିବସ




ମଞ୍ଚରେ ଉପସ୍ଥିତ ଅତିଥିମାନେ।

ଖୁଣ୍ଟା,୯।୮(ଡି.ଏନ୍.ଏ.)

ଖୁଣ୍ଟା ବ୍ଲକ ଅଧୀନ ଅଙ୍ଗାରକୁଣ୍ଡିଆ ଗ୍ରାମରେ ଜିଲା ପେସା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶୁକ୍ରବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ରାଜ୍ୟ ସଭାପତି ଅଞ୍ଜନି ସୋରେନ, ସମ୍ମାନୀତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଯୋଗଦେଇ ବୀର ସହିଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅତିଥିଗଣ ଆଦିବାସୀ ସମ୍ପ୍ରଦାୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ବିଧାନରେ ଆଦିବାସୀମାନଙ୍କ ପାଇଁ ରହିଥିବା ବିଭିନ୍ନ ଅଧିକାର ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସୂଚାଇବା ସହିତ ଆଦିବାସୀ ମାନେ ଶୋଷଣର ଶିକାର ହେଉଥିବା କହିଥିଲେ। ଜଙ୍ଗଲ ଜମି ଜଳ ସମ୍ପର୍କିତ ପେସା ଆଇନ ଲାଗୁ ନ ହେବାରୁ ଆଦିବାସୀମାନେ ବିଭିନ୍ନ ସମୟରେ କ୍ଷତିଗ୍ରସ୍ତ ହେଉଥିବା କହିଥିଲେ। ଅନ୍ୟମାନଙ୍କ ମଧରେ ସଂଯୋଜକ ପାଣ୍ଡୁରାମ ହେମ୍ବ୍ରମ, ସୁନିଲ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ ।

## କ୍ରାନ୍ତି ଦିବସରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ଯଶିପୁର,୯।୮(ଡି.ଏନ୍.ଏ.)

ଯଶିପୁରଠାରେ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଶୁକ୍ରବାର କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଯଶିପୁର ରରୁଆଁ ଛକଠାରେ ଥିବା ଶହୀଦ ବେଦିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏସୟୁସିଆଇ ରାଜ୍ୟ ସଭାପତି କମ୍ରେଡ ଶମ୍ଭୁନାଥ ନାଏକ, ଛାତ୍ରନେତା ମଧୁସୂଦନ ନାଏକ, ଫୁଲଚାନ୍ଦ ଲୋହାର, ଯୁବନେତା ମନୋଜ ମହାନ୍ତ, ସମିତିସଭ୍ୟ ସଞ୍ଜିତ ମହାନ୍ତ(କୁନା), କୃଷକ ସଂଗଠନ କେକେଏମଏସ ପକ୍ଷରୁ ପ୍ରକାଶ ମଡେଇ, ମହିଳା ସଂଗଠିକା ଦୌପଦୀ ମହାନ୍ତ ଓ ତରୁଣ ପାତ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।




ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।



ଜବତ ହୋଇଥିବା କାଠ।

## ବନ ବିଭାଗ ଜବତ କଲା ଶାଳକାଠ

କପ୍ତିପଦା,୯।୮(ଡି.ଏନ୍.ଏ.)

କପ୍ତିପଦା ରେଞ୍ଜ ଅଧୀନ ନଟୋ ସଂରକ୍ଷିତ ଜଙ୍ଗଲରେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ଚାଲିଥିବା ବେଳେ ଲୁଚାଇ ରଖାଯାଇଥିବା ଚୋରା କାଠ ନଜରକୁ ଆସିଥିଲା । ବନବିଭାଗ କର୍ମଚାରୀମାନେ ଏହି କାଠକୁ ଶୁକ୍ରବାର ଜବତ କରି କପ୍ତିପଦା ରେଞ୍ଜ କାର୍ଯ୍ୟାଳୟକୁ ଆଣିଛନ୍ତି। ଜବତ କାଠର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କା ହେବ ବୋଲି ବିଭାଗ ସୂତ୍ରରୁ ଜଣାଯାଇଛି । ରେଞ୍ଜର ମହେଶ୍ୱର ସିଂଙ୍କ ନିର୍ଦ୍ଦେଶରେ କପ୍ତିପଦା ଫରେଷ୍ଟର ଶୋଭାକର ସିଂ, ଶରତ ଫରେଷ୍ଟର ଭାଗ୍ୟଶ୍ରୀ ଦାସ, ବନରକ୍ଷୀ ଜୟନ୍ତୀ ପାତ୍ର ଓ ଅଞ୍ଜନ କୁମାର ଲେଙ୍କା ପ୍ରମୁଖ ଏହି ପାଟ୍ରୋଲିଂରେ ସାମିଲ ହୋଇଥିଲେ।

## ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କୁଆମରା,୯।୮(ଡି.ଏନ୍.ଏ.)

ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ କୁଆମରା ସାରସ୍ୱତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷର ନବାଗତ ଛାତ୍ରୀଛାତ୍ରମାନଙ୍କୁ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ଶୁକ୍ରବାର ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରାଧାପକ ଡ. ନନ୍ଦ କିଶୋର ବେହେରା, ଗଜେନ୍ଦ୍ର ନାୟକ, ସଞ୍ଜୟ କୁମାର ପ୍ରଧାନ, ସୁଧାକର ଶତପଥୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଲାଗି ଉତ୍ତମ ଚରିତ୍ର ଗଠନ ଓ ନିଷ୍ଠାପର ଅଧ୍ୟୟନ ହିଁ ଏକ ମାତ୍ର ପନ୍ଥା ବୋଲି ମତବ୍ୟକ୍ତ କରିଥିଲେ। ଖେଳ ଶିକ୍ଷକ ପ୍ରଦୀପ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାକୁ ଭାବଗ୍ରାହୀ ବେହେରା, ବାସନ୍ତୀ ଶଙ୍ଖୁଆ, ଜଗଦୀଶ ନାୟକ, କୃଷ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ସମସ୍ୟା ଘେରରେ ଇଟାଗଡ଼ ଆଶ୍ରମ ବିଦ୍ୟାଳୟ

କପ୍ତିପଦା,୯।୮(ଡି.ଏନ୍.ଏ)

- ପୁରୁଣା ଆଜ୍‌ବେଷ୍ଟସ ଘରେ ରହୁଛନ୍ତି ୧୨୬ ଛାତ୍ରୀ
- ପାଳିକରି ବିଦ୍ୟାଳୟ ଆସୁଛନ୍ତି ଶିକ୍ଷକ
- ଶୌଚ ପାଇଁ ଅଧ କି.ମି. ଦୂର ଯିବାକୁ ପଡୁଛି

କପ୍ତିପଦା ବ୍ଲକ୍ ଅଧୀନ ଜେ.ଏସ୍. ଜାମଡ଼ିହା ପଞ୍ଚାୟତ ଶିମିଳିପାଳ ପାଦଦେଶରେ ଥିବା ଇଟାଗଡ଼ ଆଶ୍ରମ ବିଦ୍ୟାଳୟ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ୧୯୪୯ରେ ସ୍ଥାପିତ ଏହି ବିଦ୍ୟାଳୟ ଦୀର୍ଘ ୭୦ବର୍ଷ ପରେ ମଧ ଅବହେଳିତ ଅବସ୍ଥାରେ ରହିଛି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୨୪୪ ଛାତ୍ରୀ ପଢୁଛନ୍ତି। ଶିକ୍ଷାଦାନ ନିମନ୍ତେ ବିଦ୍ୟାଳୟରେ ୭ ଜଣ ଶିକ୍ଷକ ଅଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ଶିକ୍ଷକ ଠିକ୍ ସମୟରେ ବିଦ୍ୟାଳୟକୁ ଆସୁ ନ ଥିବା ବେଳେ ସମୟ ସମୟରେ ସେମାନଙ୍କ ମଧରେ ପାଳିକରି ବିଦ୍ୟାଳୟକୁ ଆସଥିବାରୁ ପାଠପଢା ବାଧାପ୍ରାପ୍ତ ହେଉଥିବା ଶିକ୍ଷା କମିଟି ଓ ଅଭିଭାବକମାନେ କହିଛନ୍ତି। ଏହି ବିଦ୍ୟାଳୟରେ ଜିଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ୧୧୦ଶଯ୍ୟା ବିଶିଷ୍ଟ ଏକ ଛାତ୍ରୀ ନିବାସ ଓ ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସ ଓ ଆଶ୍ରମକୁ ମିଶାଇ ମୋଟ୍ ୨୩୬ଜଣ ଛାତ୍ରୀ ରହୁଛନ୍ତି। ମାତ୍ର ଅଦ୍ୟାବଧି ହଷ୍ଟେଲ ନିମିତ ସ୍ଥାୟୀ ରୋଷେଇ ଘର, ଖାଇବା ପାଇଁ ସ୍ଥାନ ଏବଂ ଆବଶ୍ୟକୀୟ କୋଠରୀର ଅଭାବ ରହିଛି। ୨୩୬ ଛାତ୍ରୀଙ୍କ ମଧ୍ୟରୁ ୧୧୦ ଜଣ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଛାତ୍ରୀ ନିବାସରେ ରହୁଥିବା ବେଳେ ଅବଶିଷ୍ଟ ୧୨୬ ଜଣ ୭ଟି ପୁରୁଣା ଆଜ୍‌ବେଷ୍ଟସ ଘରେ ରହୁଛନ୍ତି । ଘରଗୁଡିକର ଅବସ୍ଥା ଭଲ ନ ଥିବା ବେଳେ ବର୍ଷା ହେଲେ ସେଥିରୁ ପାଣି ଗଳୁଛି। ହଷ୍ଟେଲର ଏହି ୭ଟି ରୁମ୍‌ରେ ୧୨୬ ଛାତ୍ରୀ ବହୁ ଅସୁବିଧାରେ ରହୁଛନ୍ତି। ଗତ ୨ବର୍ଷ ତଳେ 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ଉକ୍ତ ବିଦ୍ୟାଳୟରେ ପାଣି ଓ ବିଦ୍ୟୁତ ସମସ୍ୟା ଦୂର ହୋଇଛି । ମାତ୍ର ପାଣି ଟାଙ୍କି ଗୁଡିକ ଦୀର୍ଘଦିନ ହେବ ସଫା କରାଯାଉ ନାହିଁ। ଯାହା ଫଳରେ ପିଲାମାନେ ବିଭିନ୍ନ ପ୍ରକାର ରୋଗରେ ପଡୁଛନ୍ତି। ବିଦ୍ୟୁତ୍ ସମସ୍ୟା ଦୂର ହୋଇଥିଲେ ମଧ ବଣ ପାହାଡ ଅଞ୍ଚଳ ହୋଇ ଥିବାରୁ ଅଧିକାଂଶ ସମୟରେ କରେଣ୍ଟ ରହୁ ନାହିଁ । ଫଳରେ ଛାତ୍ରୀମାନେ ପାଠ ପଢିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଆଜବେଷ୍ଟସ ରୁମଗୁଡିକରେ ରହୁଥିବା ଛାତ୍ରୀଙ୍କ ପାଇଁ ଗାଧୁଆ ଘର ନ ଥିବା ବେଳେ ଗୋଟିଏ ମାତ୍ର ପାଇଖାନା ଚାଲୁ ରହିଛି। ଅନ୍ୟ ପାଇଖାନାଗୁଡିକ ଖରାପ ହୋଇଯାଇଛି। ସେଗୁଡିକର ରକ୍ଷଣାବେକ୍ଷଣ ମଧ କରାଯାଉ ନ ଥିବା ଛାତ୍ରୀମାନେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଛାତ୍ରୀମାନଙ୍କୁ ନିମ୍ନ ମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ଉଠିଛି । ପୂର୍ବରୁ ସନ୍ଧ୍ୟାରେ ପଖାଳ ଦିଆଯାଉଥିବା ବେଳେ ତାହା ଗତ କିଛି ଦିନ ଧରି ବନ୍ଦ ରହିଛି । ତେଣୁ ପଖାଳ ବଦଳରେ ଟିଫିନ ଦେବାକୁ ଛାତ୍ରୀମାନେ ଦାବି କରିଛନ୍ତି । ସେହିପରି ଶ୍ରେଣୀରେ ବେଞ୍ଚ, ଡ଼େସ୍କର ଅଭାବ ଥିବାରୁ ପିଲାମାନେ ତଳେ ବସି ପାଠ ପଢୁଛନ୍ତି। ଗାଧୁଆ ଘର ଏବଂ ପାଇଖାନା ନଷ୍ଟ ହୋଇଯାଇଥିବାରୁ ଅଧିକାଂଶ ଛାତ୍ରୀ ସ୍କୁଲଠାରୁ ଅଧ କି.ମି. ଦୂର ଏକ ପୋଖରୀ ଉପରେ ନିର୍ଭର କରୁଛନ୍ତି। ଯାହାକି ଆମର ମୁଖ୍ୟ ସମସ୍ୟା। ଏହା ଦୂର ହେଲେ ଆମେ ଉପକୃତ ହୁଅନ୍ତୁ ବୋଲି ଛାତ୍ରୀମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ମୁଁ ବିଦ୍ୟାଳୟରେ ନୂଆ ଯୋଗ ଦେଇଛି। ପିଲାମାନଙ୍କ ସମସ୍ୟା ଦୂର କରିବାକୁ ଚେଷ୍ଟା କରିବା ସହିତ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଛି ବୋଲି କହିଛନ୍ତି। ବିଦ୍ୟାଳୟ ପରିସର ରାସ୍ତାଠାରୁ ନୀଚ୍ଚା ରହୁଥିବାରୁ ରାସ୍ତାର ସମସ୍ତ ପାଣି ବିଦ୍ୟାଳୟ ହତାରେ ପଶି ପରିବେଶକୁ ପ୍ରଦୂଷିତ କରୁଛି । ବର୍ଷାଦିନ ଏହି ସମସ୍ୟା ଦ୍ୱିଗୁଣିତ ହେଉଛି । ତେଣୁ ବିଦ୍ୟାଳୟ ପରିସରରେ କଂକ୍ରୀଟ୍ ରାସ୍ତା ନିର୍ମାଣ ପାଇଁ ମୁଁ ଆବଶ୍ୟକ ପ୍ରସ୍ତାବ ବିଭାଗକୁ ଲେଖି ଜଣାଇଛି ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି। ଆଇଟିଡ଼ିଏ ପ୍ରକଳ୍ପ ଅଧିକାରୀ ବିଧାନ ଚନ୍ଦ୍ର ରାୟଙ୍କୁ ପଚାରିବାରୁ ପ୍ରଧାନଶିକ୍ଷକ ଏ ସମ୍ପର୍କରେ ଲେଖି ଦିଅନ୍ତୁ ଏବଂ ଦେଖା କରନ୍ତୁ କ'ଣ ଅସୁବିଧା ଅଛି ବୁଝିବା ବୋଲି କହିଛନ୍ତି। ଜିଲା ମଙ୍ଗଳ ଅଧିକାରୀଙ୍କୁ ପଚାରିବାରୁ କ'ଣ ଅସୁବିଧା ରହିଛି ମୁଁ ବୁଝି ଦେଖୁଛି ବୋଲି କହିଛନ୍ତି।

ବାରିପଦା ମହାବିଦ୍ୟାଳୟରେ ମୌସୁମୀ ସାହିତ୍ୟ ଆସର

### 'ସାହିତ୍ୟ ଦ୍ୱାରା ସୃଜନଶୀଳତାର ବିକାଶ ସମ୍ଭବ'

ବାରିପଦା ଅଫିସ,୯।୮

ବାରିପଦା ମହାବିଦ୍ୟାଳୟରେ ସାହିତ୍ୟ ସମାଜ ପକ୍ଷରୁ ମୌସୁମୀ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ.ତରୁଣ କୁମାର ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂସ୍କୃତ ବିଭାଗ ମୁଖ୍ୟ ଅଞ୍ଜଳି ମହାପାତ୍ର, ଇତିହାସ ବିଭାଗ ମୁଖ୍ୟ ରାଜେଶ ଷଡଙ୍ଗୀ, ଡ.ଅଶୋକ ପ୍ରିୟଦର୍ଶୀ ଏବଂ ଓଡ଼ିଆ ବିଭାଗ ମୁଖ୍ୟ ଅଧାପିକା ନିରୁପମା ନାୟକ ଉପସ୍ଥିତ ରହି ସାହିତ୍ୟ କେବଳ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ନୁହେଁ, ଏହା ମାନସିକ, ଶାରୀରିକ ଓ ସାମାଜିକ ସ୍ୱାସ୍ଥ୍ୟ ଅତୁଟ ରଖିବାର ଏକ ମାଧମ ଏବଂ ସାହିତ୍ୟ ଦ୍ୱାରା ହିଁ ସୃଜନ ଶୀଳତାର ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଆସରରେ ବର୍ଷା ଉପରେ ଆଧାରିତ ୨୧ ଗୋଟି ସ୍ୱରଚିତ କବିତା ପାଠ କରାଯାଇଥିଲା। ଦେବସ୍ମିତା ପାତ୍ର, ହୀରାମଣି ବେସ୍ରା, ସୀମା ସୋରେନ, ଶ୍ରୀରାମ ବାସ୍କେ, ମାମା ବେସ୍ରା, ମଧୁମିତା ମାମ୍ମା, ସରସ୍ୱତୀ କିସ୍କୁ, ସାଇନା ପ୍ରଧାନ ପ୍ରମୁଖ ଛାତ୍ରୀଛାତ୍ର ସ୍ୱରଚିତ କବିତା ପାଠ କରିଥିଲେ। ଅଧାପିକା ସ୍ନେହପ୍ରଭା ଦାସ, ଇତିଶ୍ରୀ ଭଞ୍ଜ, ପୁଷ୍ପଲତା କାନୁନଗୋ, ରଶ୍ମି ଭଞ୍ଜ, ବିପ୍ଳବ କୁମାର ବିନ୍ଧାଣି, ଶିବ କୁମାର, ସୁକ୍ତାରାଣୀ ସୁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶନିବାର, ଅଗଷ୍ଟ ୧୦/୨୦୧୯ Balasore, Saturday, August 10/2019


## ସଂକ୍ଷେପରେ

### ଖୁଣ୍ଟରେ ପିଟି ହୋଇ ଜୀବନ ଗଲା

**ସଜନାଗଡ଼, ୯।୮(ଡି.ଏନ.ଏ.):** ନୀଳଗିରି ବ୍ଲକ ଗରଡ଼ିହି ପଞ୍ଚାୟତ ୧୯ ନଂ. ରାଜ୍ୟ ରାଜପଥ କଡ଼ ଖୁଣ୍ଟରେ ଏକ ବାଇକ୍ ପିଟି ହୋଇଯିବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଔପଦା ବ୍ଲକର ଦକ୍ଷିଣ ନରସିଂହପୁର ପଞ୍ଚାୟତ ଗାଙ୍ଗପୁରା ଝୁରେଇ ଗାଁର ସଞ୍ଜୟ ସିଂ ଓ ତାଙ୍କ ଭାଇଙ୍କ ଶଳା ଏକ ବାଇକ୍‌ରେ ନୀଳଗିରି ଅଞ୍ଚଳକୁ ଏକ ବାଇକ୍ (ଓଡି୦୧ଏବି-୯୮୮୯) ରେ ଉଦଳା ଯାଉଥିଲେ। ୨ ଜଣ ଯୁବକ ଗରଡ଼ିହୀ ପଞ୍ଚାୟତର ଶେରଗଡ଼-ଉଦଳା ରାସ୍ତାର ସିଆଡ଼ିମାଳ ଛକଠାରେ ରାସ୍ତାକଡ଼ରେ ଥିବା ଖୁଣ୍ଟରେ ପିଟି ହୋଇଯିବାରୁ ସଞ୍ଜୟଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ନୀଳଗିରି ଡାକ୍ତରଖାନା ଅଣାଯାଇଛି। ବରହମପୁର ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

### ଦୁର୍ଘଟଣାରେ ପରିବା ବ୍ୟବସାୟୀ ମୃତ

**ରୂପ୍‌ସା, ୯।୮(ଡି.ଏନ.ଏ.):** ବାଲେଶ୍ୱର ସଦର ଥାନା ହଳଦୀପଦା ଫାଣ୍ଡି ଅନ୍ତର୍ଗତ ନହରପାଟଣା-ବାରିପଦା ରାସ୍ତାର ଦୁମୁଦା ଛକଠାରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ପରିବା ବ୍ୟବସାୟୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ପରିବା ବ୍ୟବସାୟୀ ଗୁରୁତର ଆହତ ହୋଇଛନ୍ତି। ମୃତ ବ୍ୟବସାୟୀ ହେଲେ ରେମୁଣା ବ୍ଲକ ଗଣ୍ଡର୍ଧା ଗ୍ରାମର ସୁରେନ୍ଦ୍ର ଦାସ (୬୮)। ସୁରେନ୍ଦ୍ର ଓ ସେହି ଗ୍ରାମର ନିରଞ୍ଜନ ଗିରି ସାଇକେଲ ଯୋଗେ ପରିବା ନେଇ ବିକ୍ରି କରିବାକୁ ଆସିଥିଲେ। ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଗୁରୁତର ଆହତ ଅବସ୍ଥାରେ ସ୍ଥାନୀୟ ଲୋକେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ସୁରେନ୍ଦ୍ରଙ୍କୁ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ। ଏନେଇ ଥାନାରେ ପୋଲିସ ଏକ ମାମଲା (ନଂ. ୨୪୭/୧୯) ରୁଜୁ କରି ତଦନ୍ତ କରୁଛି।

### ମୋବାଇଲ ଚୋରି ଅଭିଯୋଗ, ଯୁବକଙ୍କୁ ମାଡ଼

**ଜଳେଶ୍ୱର, ୯।୮:** ଜଳେଶ୍ୱର ରେଳ ଷ୍ଟେଶନରେ ଶୁକ୍ରବାର ପୂର୍ବାହ୍ନ ୯ଟା ସମୟରେ ୩ନଂ ପ୍ଲାଟଫର୍ମରେ ମୋବାଇଲ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଯାତ୍ରୀମାନେ କାବୁ କରି ନିସ୍ତୁକ ପିଟିଥିଲେ। ପୋଲିସ ପହଞ୍ଚିବା ପରେ ଉତ୍ତ୍ୟକ୍ତ ଯାତ୍ରୀମାନେ ତାଙ୍କୁ ରେଳବାଇ ପୋଲିସ ଜିମା ଦେଇଥିଲେ। ରେଳବାଇ ପୋଲିସ ଉକ୍ତ ଯୁବକଙ୍କୁ ଜିଆରପି ପୋଲିସକୁ ହସ୍ତାନ୍ତର କରିଥିଲେ। ସମ୍ପୃକ୍ତ ଯୁବକଙ୍କୁ ବାଲେଶ୍ୱର ଜି.ଆର୍.ପି ଥାନାକୁ ପଠାଯାଇଥିବାର ଜଣାଯାଇଛି।

# ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

## ଥାନାରେ ଆତ୍ମସମର୍ପଣ କଲେ ସ୍ୱାମୀ

**ଧାମନଗର, ୯।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ କୋଠାର ଦାସସାହି ଗ୍ରାମରେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ଅଭିଯୁକ୍ତ ସ୍ୱାମୀ ଥାନାରେ ଆତ୍ମସମର୍ପଣ କରିଛନ୍ତି। ପରକୀୟା ପ୍ରୀତି ସନ୍ଦେହରେ ଏଭଳି ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି। ମୃତା ମହିଳାଙ୍କ ବାପା ଥାନାରେ କରିଥିବା ଅଭିଯୋଗ କ୍ରମେ ଧୂଷୁରୀ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, କୋଠାର ଗ୍ରାମର ସଞ୍ଜୟ ଦାସ ୭ ବର୍ଷ ତଳେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଅନ୍ନପାଳ ସୁସୁଆ ଗ୍ରାମର ରବୀନ୍ଦ୍ର ମହାଲିକଙ୍କ ଝିଅ ରଶ୍ମିତାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ରଶ୍ମିତା ଗୋଟିଏ ପୁଅ ଏବଂ ଗୋଟିଏ ଝିଅର ମା' ହୋଇଥିଲେ। ଶାଶୁଘର ଏବଂ ସ୍ୱାମୀଙ୍କ ସହିତ ତାଙ୍କର ଭଲ ସମ୍ପର୍କ ରହୁ ନ ଥିଲା। ଫଳରେ ଅଧିକାଂଶ ସମୟରେ ସେ ବାପଘରକୁ ପଳାଇ ଯାଉଥିଲେ। ଦାଦନ ଖଟିବାକୁ ଯାଉଥିବା ସଞ୍ଜୟ ବାହାର ରାଜ୍ୟରୁ କିଛିଦିନ ତଳେ ଘରକୁ ଫେରି ରଶ୍ମିତାଙ୍କ ସହିତ ରହିଆସୁଥିଲେ। ଗୁରୁବାର ରାତିରେ ସମସ୍ତେ ଖାଇପିଇ ଶୋଇବା ପରେ ସେ ନିଜ ବିଛଣା ତଳେ ଲୁଚାଇଥିବା ଟାଙ୍ଗିଆ ବାହାର କରି ରଶ୍ମିତାଙ୍କ ବେକ, ଛାତି ଓ ମୁଣ୍ଡକୁ ଚୋଟ ମାରିଥିଲେ। ଶୁକ୍ରବାର ଭୋର ସମୟରେ ସେଠାରୁ ଚାଲିଯାଇ ସେ ଧୂଷୁରୀ ଥାନାରେ ଆତ୍ମସମର୍ପଣ କରିଥିଲେ। ସଞ୍ଜୟଙ୍କ ପଡ଼ୋଶୀ ରଶ୍ମିତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଭଦ୍ରକ ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତା ରଶ୍ମିତାଙ୍କ ବାପା ରବୀନ୍ଦ୍ର ତାଙ୍କ ଝିଅକୁ ଯୌତୁକ ନିର୍ଯାତନା ଦିଆଯାଉଥିଲା ଏବଂ ଜ୍ୱାଇଁଙ୍କ ପରକୀୟ ପ୍ରୀତି ନେଇ ଏଭଳି ହତ୍ୟା ଘଟାଯାଇଥିବା ଧୂଷୁରୀ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଧୂଷୁରୀ ଥାନାରେ ଏକ ହତ୍ୟା ମାମଲା(ନଂ.୧୪୭/୧୯) ରୁଜୁ କରାଯାଇ ସଞ୍ଜୟଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷେ ଅଭିଯୁକ୍ତ ସଞ୍ଜୟ ପରକୀୟା ପ୍ରୀତି ନେଇ ମଧ୍ୟ ଅଭିଯୋଗ କରିଛନ୍ତି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଆଇଆଇସି ପ୍ରଫୁଲ୍ଲ କୁମାର ସିଂ ସୂଚନା ଦେଇଛନ୍ତି।



ପୋଲିସ ସହ ଗିରଫ ଅଭିଯୁକ୍ତ।



ଉତ୍ତେଜିତ ଲୋକଙ୍କ ସହ ଉପ-ଜିଲାପାଳ ନୀଲୁ ମହାପାତ୍ର ଆଲୋଚନା କରୁଛନ୍ତି।

# ରୋଗୀ ମୃତ୍ୟୁକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

**ବାଲେଶ୍ୱର ଅଫିସ, ୯।୮**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳା ଯୋଗୁ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ଗୁରୁବାର ମଧ୍ୟରାତ୍ରରେ ଉତ୍ତେଜନା ଦେଖାଦେଇଥିଲା। ଘଟଣାସ୍ଥଳରେ ଉପଜିଲାପାଳ ନୀଲୁ ମହାପାତ୍ର ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ଘଟଣା ଶାନ୍ତ ପଡ଼ିଥିଲା।

ଟାଉନ ଥାନା ସ୍କୁଲବଜାର ଅଞ୍ଚଳର ରିଆସତ୍ ଅଲ୍ଲୀଙ୍କ ଝିଅ ରୁବିନା ଖାତୁନଙ୍କୁ ଗୁରୁବାର ପୂର୍ବାହ୍ନରେ ଝାଡ଼ାବାନ୍ତି ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟର ଡାଇରିଆ ବିଭାଗରେ ଭର୍ତ୍ତି କରାଯାଇଥିଲା। ଦୀର୍ଘ ସମୟ ଧରି ଡାକ୍ତର ଆସି ନ ଥିବାରୁ ଠିକ୍ ଭାବେ ଚିକିତ୍ସା ହୋଇପାରି ନ ଥିଲା। ଫଳରେ ରାତି ୧୦ଟା ବେଳେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଖବରପାଇ ଅଞ୍ଚଳବାସୀ ଚିକିତ୍ସାଳୟରେ ପହଞ୍ଚି ପାଟିତୁଣ୍ଡ କରିବା ସହ ଉତ୍ତେଜନା ଦେଖାଦେଇଥିଲା। ଘଟଣାସ୍ଥଳରେ ଟାଉନ୍ ଥାନା ଅଧିକାରିଣୀ ସରୋଜିନୀ ନାୟକ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ହେଁ ଉତ୍ତେଜନାକୁ ଆୟତ୍ତ କରିବା ପାଇଁ ବ୍ୟାପକ ପୋଲିସ ମୁତୟନ କରିଥିଲେ। ପରେ ଉପଜିଲାପାଳ ମହାପାତ୍ର ପହଞ୍ଚି ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରେଡ୍‌କ୍ରସ୍ ତରଫରୁ ୧୦ହଜାର ଟଙ୍କାର ସହୟତା ଦେବା ସହ ସମସ୍ତ ସରକାରୀ ସହାୟତା ପ୍ରଦାନ କରିବାର ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ଲୋକେ ଶାନ୍ତ ହୋଇଥିଲେ।

### ■ ଗୋଟିଏ ରାତିରେ ସିରିଜ ଚୋରି ଘଟଣା

# ଜଣେ ଯୁବକ ଗିରଫ, ୨ ଫେରାର

**ବନ୍ତ, ୯।୮ (ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ଥାନା ନିମପଡ଼ା ବଜାର, ଗୋବିନ୍ଦପୁର ଛକ, ଅଢାଳପଙ୍କ ବଜାର ଓ ଆଗରପଡ଼ା ଥାନା ଅଧୀନ କଳାପାହାଡ଼ ଛକରୁ ଦୋକାନରୁ ବୁଧବାର ରାତିରେ ସିରିଜ୍ ଚୋରି ହୋଇଥିଲା। ଏହି ଘଟଣାରେ ବନ୍ତ ପୋଲିସ ଜଣେ ଯୁବକଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଭଦ୍ରକ ଜାନୁଗଞ୍ଜର ସନ୍ତୋଷ ପୃଷ୍ଟି। ଚୋରିରେ ସମ୍ପୃକ୍ତ ଅନ୍ୟ ଦୁଇ ଯୁବକ ଫେରାର ଥିବାବେଳେ ସେମାନଙ୍କ ମଧ୍ୟରେ ଯାଜପୁର ରେଲୱେ ଷ୍ଟେଶନର ମୁନା ନାମକ ଜଣେ ଯୁବକ ଥିବା ପୋଲିସ ସୂଚନା ଦେଇଛି।

ବନ୍ତ ଥାନା ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ସକାଳେ ତଦନ୍ତ ଜାରି ରହିଥିବାବେଳେ ଅଢାଳପଙ୍କ ଗ୍ରାମର ବିଜୟ ମୁଖୀ ନାମକ ଜଣେ ଯୁବକଙ୍କ ଘରେ ୨ ଜଣ ଅଚିହ୍ନା ଯୁବକ ରହିଥିବା ସ୍ଥାନୀୟ ଗ୍ରାମରକ୍ଷୀ ଥାନାକୁ ଖବର ଦେଇଥିଲେ। ଥାନାଧିକାରୀ ଗଣେଶ୍ୱର ପ୍ରଧାନ ଉକ୍ତ ଯୁବକମାନଙ୍କୁ ଅଟକ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମରକ୍ଷୀ ଜଣଙ୍କୁ ଅଟକ ରଖିଥିବା ବେଳେ ବିଜୟଙ୍କ ସମେତ ଅନ୍ୟ ଯୁବକ ସେଠାରୁ ଖସି ପଳାଇ ଯାଇଥିଲେ। ପୋଲିସ ଅଟକ ଯୁବକଙ୍କୁ ଗୁରୁବାର ଥାନାକୁ ନେଇ ଜେରା କରିବା ପରେ ବିଜୟଙ୍କ ସହାୟତାରେ ସେମାନେ ଦୋକାନଗୁଡ଼ିକରୁ ଚୋରି କରିଥିବା ସ୍ୱୀକାର କରିଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୮୫/୧୯) ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ଏଥିସହ ଚୋରିରେ ବ୍ୟବହୃତ ଏକ ବାଇକ୍ ଜବତ କରାଯାଇଛି। ସେହିପରି କଳାପାହାଡ଼ ଛକରେ ୨ଟି ଦୋକାନରୁ ଚୋରି ହୋଇଥିବା ନେଇ ନିଲୁରଞ୍ଜନ ରାଉତଙ୍କ ଅଭିଯୋଗ କ୍ରମେ ଆଗରପଡ଼ା ଥାନାରେ ଏକ ମାମଲା(ନଂ.୧୦୨/୧୯)ରୁଜୁହୋଇଛି।

# ମୂକ ଯୁବତୀଙ୍କୁ ବଳାତ୍କାର, ଅଭିଯୁକ୍ତ ଫେରାର

**ନୀଳଗିରି, ୯।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳର ଜଣେ ମୂକ ଯୁବତୀ ବଳାତ୍କାର ଶିକାର ହୋଇଥିବା ଗୁରୁବାର ପୀଡ଼ିତାଙ୍କ ମା' ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ମାମଲା (ନଂ. ୧୭୯/୧୯) ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ନଳିତା ମୋଦି କହିଛନ୍ତି।

ଅଭିଯୁକ୍ତ ଫେରାର ହୋଇଯାଇଥିବାରୁ ପୋଲିସ ଗିରଫ କରିବାରେ ବିଫଳ ହୋଇଛି। ଫେରାର ଅଭିଯୁକ୍ତ ଜଣଙ୍କ ବାବନ୍ଧ ଗାଁର କୃଷ୍ଣ ବେହେରା (୩୦)। ଗତ ମଙ୍ଗଳବାର ଅପରାହ୍ନରେ ବଡ଼ଭଉଣୀ ଓ ମା' ବାହାରକୁ କାମ କରିବାକୁ ଯାଇଥିବା ବେଳେ ଘରେ ମୂକ ଝିଅଟି ଏକୁଟିଆ ରହିଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତ ଘରେ ପଶି ଜୋର ଜବରଦସ୍ତ ତାଙ୍କୁ ବଳାତ୍କାର କରିଥିଲେ। ଏକଥା କାହାରି ଆଗରେ ପ୍ରକାଶ କଲେ ଜୀବନରୁ ମାରିଦେବାକୁ ସେ ଧମକ ଦେଇଥିଲେ। ସନ୍ଧ୍ୟାରେ ମା' ଓ ବଡ଼ଭଉଣୀ ଘରେ ପହଞ୍ଚିବା ପରେ ପୀଡ଼ିତା ଠାର ମାଧ୍ୟମରେ ଅଭିଯୁକ୍ତ ବଳାତ୍କାର କରିଥିବା ଜଣାଇଥିଲେ। ପରଦିନ ଗ୍ରାମରେ ସମାଧାନ ପାଇଁ ବୈଠକ ବସିଥିଲା। ହେଲେ ବୈଠକକୁ ଅଭିଯୁକ୍ତ ଆସି ନ ଥିଲେ।

# ଏଟିଏମ୍‌ରୁ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଗାଏବ, ୨ ଅଟକ

**ବାସୁଦେବପୁର, ୯।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବେତଡ଼ା ବଜାରରେ ଥିବା ଷ୍ଟେଟବ୍ୟାଙ୍କ ଶାଖା ଏଟିଏମ୍‌ରୁ ହଠାତ୍ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଗାଏବ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏ ସମ୍ପର୍କରେ ଶୁକ୍ରବାର ଅପରାହ୍ନରେ ଜଣାପଡ଼ିବା ପରେ ଉକ୍ତ ଷ୍ଟେଟବ୍ୟାଙ୍କ ଶାଖା ପକ୍ଷରୁ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏଟିଏମ୍‌ରେ ଟଙ୍କା ଭର୍ତ୍ତି ଦାୟିତ୍ୱରେ ଥିବା କମ୍ପାନୀର ଦୁଇ କର୍ମଚାରୀଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି। ଭଦ୍ରକ ଏସ୍‌ଡିପିଓ ଜଳନ୍ଧର ଜାଲି ଥାନାରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଏଟିଏମ୍ ନିକଟସ୍ଥ ଏକ ଦୋକାନର ସିସିଟିଭିକୁ ଏସ୍‌ଡିପିଓ ସଂଗ୍ରହ କରି ଯାଞ୍ଚ କରୁଥିବା ଆଇଆଇସି ଉମାଶଙ୍କର ନାଏକ କହିଛନ୍ତି। ତଦନ୍ତ ଜାରି ରହିଥିବା ବେଳେ ଏ ନେଇ ଅଦ୍ୟାବଧି ଥାନାରେ ମାମଲା ରୁଜୁ ହୋଇ ନ ଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଜଙ୍ଗଲ ଜମିରୁ ବେଆଇନ ପଥର ଉତ୍ତୋଳନ

**ଖଇରା, ୯।୮(ଡି.ଏନ.ଏ.)**

ଖଇରା ବ୍ଲକ ଶାରୀଶୂଆ ପଥର ଖାଦାନରେ ଜଙ୍ଗଲ ଜମିରୁ ଗୁରୁବାର ସନ୍ଧ୍ୟାରେ ବେଆଇନ ପଥର ଉତ୍ତୋଳନ କରାଯାଉଥିବା ବେଳେ କୁପାରୀ ବନ ବିଭାଗ ପକ୍ଷରୁ ଚଢାଉ କରାଯାଇ ଏକ ଜେସିବି ମେଶିନ ଜବତ କରାଯାଇଛି। ପଥର ଉତ୍ତୋଳନକାରୀ ଭଦ୍ରକ ଚନ୍ଦନବଜାରର ହେମେନ୍ଦ୍ର ଶର୍ମାଙ୍କୁ ଗିରଫ ପରେ ଜାମିନରେ ଛଡାଯାଇଛି। ରେଞ୍ଜର ଲକ୍ଷ୍ମଣ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ କୁପାରୀ ଫରେଷ୍ଟର ବିଜୟ ସାହୁ, ଗାର୍ଡ ସଞ୍ଜୟ ସାହୁ ପ୍ରମୁଖ ଏହି ଚଢାଉରେ ସାମିଲ ହୋଇଥିଲେ। ଉପରୋକ୍ତ ବ୍ୟକ୍ତି ଜଣକ ପଥର ଖଣିରୁ ପଥର ନ ଖୋଳି ଅପର ପାର୍ଶ୍ୱରେ ଥିବା ଜଙ୍ଗଲ ଜମିରୁ ପଥର ଉତ୍ତୋଳନ କରୁଥିବା ବେଳେ ଏହି ଚଢାଉ କରାଯାଇଥିଲା ବୋଲି ଫରେଷ୍ଟର ବିଜୟ ସାହୁ କହିଛନ୍ତି। ଉକ୍ତ ବ୍ୟକ୍ତିଙ୍କ ବିରୋଧରେ ଏକ ମାମଲା ୨୮/ଏସ/୨୦୧୯-୧୯ ରୁଜୁ କରାଯାଇଛି।



ଜବତ ହୋଇଥିବା ଜେସିବି।

# ଟ୍ରେନ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ବସ୍ତା, ୯।୮(ସ୍ୱ.ପ୍ର.)**

ରୂପ୍‌ସା ରେଳ ଷ୍ଟେସନର ଅନତି ଦୂରରେ ଜଣେ ବୃଦ୍ଧ ଟ୍ରେନ୍ ଧକ୍କାରେ ମୃତ୍ୟୁବରଣ କରିଛନ୍ତି। ରୂପ୍‌ସା ଥାନା କଷିପଦା ପଞ୍ଚାୟତର ତାହାରପୁର ଗ୍ରାମର ନରସିଂହ ଦଳାଇ (୭୦) ଶୁକ୍ରବାର ମଧ୍ୟାହ୍ନରେ ରେଳ ଧାରଣା ପାରିହୋଇ ଯାଉଥିବା ବେଳେ ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ରେଳବାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ତାଙ୍କ ପରିବାର ଲୋକେ ସେତେବେଳକୁ ତାଙ୍କର ଅନ୍ତିମ ସଂସ୍କାର କରିଦେଇଥିବା ଜଣାପଡ଼ିଛି।

# ବନ କର୍ମଚାରୀ-ଚୋରାକାଠ ଚାଲାଣକାରୀ ଗୋଡ଼ାଗୋଡ଼ି

## ବାଇକ୍‌କୁ ଧକ୍କା ଦେଲେ, ଅଳ୍ପକେ ବର୍ତ୍ତିଲେ ୪

**ସଜନାଗଡ଼, ୯।୮(ଡି.ଏନ.ଏ.)**

ନୀଳଗିରି ବ୍ଲକ ୧୯ନଂ. ରାଜ୍ୟ ରାଜପଥ ପୋଡ଼ାଶୁଳ ଛକ ଦେଇ ଯାଉଥିବା ଏକ ଚୋରା କାଠ ବୋଝେଇ ପିକଅପ୍‌କୁ କାବୁ କରିବାକୁ ଯାଇ ବନ କର୍ମଚାରୀ ଓ ଚୋରା ଚାଲାଣକାରୀଙ୍କ ମଧ୍ୟରେ ଗୋଡାଗୋଡି ପରିସ୍ଥିତି ହୋଇଥିଲା। ଗୁରୁବାର ରାତି ୧୧ଟା ବେଳେ ପ୍ରାୟ ୧୦ କି.ମି. ପର୍ଯ୍ୟନ୍ତ ଏପରି ଗୋଡାଗୋଡି ହେବା ପରେ କାଠ ବୋଝେଇ ପିକଅପ୍ ଏକ ବାଇକ୍‌କୁ ଧକ୍କା ଦେଇଥିଲା। ଏହି ସମୟରେ ଗ୍ରାମବାସୀ ଓ ବନବିଭାଗ ଉକ୍ତ ଚୋରା କାଠ ବୋଝେଇ ଗାଡିକୁ ଅଟକାଇବାରେ ସକ୍ଷମ ହୋଇଥିଲେ। ହେଲେ ଘଟଣାସ୍ଥଳରୁ ଡ୍ରାଇଭର କୌଶଳକ୍ରମେ ଫେରାର ହୋଇଯାଇଥିଲେ।

ରେଞ୍ଜର ସୁକୁମାର ଦାସଙ୍କ ନେତୃତ୍ୱରେ ସଦଳବଳ ବେଆଇନ ଭାବେ କାଠ ବୋଝେଇ ମହିନ୍ଦ୍ରା ପିକଅପ୍ ଗାଡ଼ି (ନଂ. ଓଆର୍୦୨ଭି-୮୯୯୭)କୁ ପିଛା କରିଥିଲେ। ବନବିଭାଗ ପକ୍ଷରୁ ପିଛା କରୁଥିବା ଜାଣି ପିକଅପ୍ ଡ୍ରାଇଭର ପୋଡ଼ାଶୁଳ, ବେତସୁଳ ଦେଇ ବାଉଁଶବଣିଆ, ଜୟପୁର ରାସ୍ତାରେ ଗାଡ଼ିଟିକୁ ଦ୍ରୁତଗତିରେ ନେଇ ପଳାଇଥିଲେ। ବନବିଭାଗ ଗାଡ଼ି ବାଉଁଶବଣିଆ ପର୍ଯ୍ୟନ୍ତ ପିଛା କରିଥିଲେ ମଧ୍ୟ ପିକଅପ୍‌ର ପତ୍ତା ପାଇ ନ ଥିଲେ। ପିକଅପ୍ ଦ୍ରୁତ ଗତିରେ ଯାଉଥିବାବେଳେ ବାଉଁଶବଣିଆ ନିକଟସ୍ଥ ରାସ୍ତାରେ ଜଣେ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଥିଲା। ତାଙ୍କ ଆଗରେ ଛିଡ଼ା ହୋଇଥିବା ଆଉ ୪ଜଣ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗାଁ ଲୋକେ ପିକଅପ୍ ଭ୍ୟାନର ପିଛା କରି ଉକ୍ତ ରାତିରେ ଅଳସୁଆ ଗ୍ରାମ ନିକଟସ୍ଥ ବରପୋଖରୀ ନିକଟରେ ଗାଡ଼ିକୁ ଅଟକାଇଥିଲେ। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିଲେ। ଖବରପାଇ ବନବିଭାଗ ଓ ଖନ୍ତାପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତ ବାଇକ୍ ଆରୋହୀଙ୍କୁ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପରେ କାଠ ବୋଝେଇ ପିକଅପକୁ ପୋଲିସ ଜବତ କରି ବନ ବିଭାଗ ଅଫିସ୍‌କୁ ଆଣିଥିବା ଜଣାପଡ଼ିଛି।





Attractive Consumer Offer and Exchange Bonus | Special Offer for all Maruti Car Owners, Farmers, Commercial Vehicle Owners & IFFCO Society Members

For Institutional Sales / Bulk Deal / GeM enquiries, please contact: Mr Ramakrushna Panda - 7381034040 or email at ramakrushna.panda@maruti.co.in

| BHUBANESWAR | CUTTACK | JEYPORE | ROURKELA | ANGUL | BALASORE |
|---|---|---|---|---|---|
| JYOTE MOTORS PVT. LTD. | NARAYANI MOTORS PVT. LTD. | LEGEND CARS PVT. LTD. | ORBIT MOTORS PVT. LTD. | ODYSSEY MOTORS PVT. LTD. | JYOTE MOTORS PVT. LTD. |
| Near Sai Temple, Cuttack Puri By Pass Road | Nirgundi, Tangi, Cuttack | Near Old TATA Showroom, Jeypore | Near Pahadi Bar, Besides Bharat Petrol Pump, Vedvyas | Near Cineplex, NH 55, Kandasar, Angul | Januganj, Remuna, Balasore |
| Ph: 8338033990 | Ph: 8338033999 | Ph: 7894442915 | Ph: 9437007440 | Ph: 6370702436 | Ph: 8338033992 |

"Fuel Efficiency as certified by test agency under rule 115 of the CMVR, 1989. 'Terms and conditions apply. Pictures used are for creative visualization. Car colour and accessories shown may vary from the actual product. ^Offer includes consumer offer, exchange bonus and corporate offer (wherever applicable) on Super Carry Diesel.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ



### ଓଡିଶା ଖଣି ନିଗମର ୱାର୍ଡ ସଭା

ଯୋଡା,୯।୮(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ପୌରପାଳିକା ୧୩ନଂ ୱାର୍ଡରେ ଶୁକ୍ରବାର ଓଡିଶା ଖଣି ନିଗମ ପକ୍ଷରୁ ବାଂଶାପାଣି ଖୁଣ୍ଟପାଣି ଲୌହ ଖଣିର ଜଙ୍ଗଲ ଜମିକୁ ଅଣଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର କରାଯିବା ନେଇ ୱାର୍ଡସଭା ଅନୁଷ୍ଠିତ ହୋଇଥିଲା। ଖଣିର ବାଂଶପାଣିରେ ୪,୦୬୩ହେକ୍ଟର ଓ ଖଣ୍ଟପାଣିରେ ୨୨,୨୩୯ ହେକ୍ଟର ଜଙ୍ଗଲ ଜମ ରହିଛି। ବାଂଶପାଣି ଓ ଖୁଣ୍ଟପାଣି ଗ୍ରାମବାସୀ ଖଣି ପ୍ରଭାବିତ ଅଞ୍ଚଳରେ ଶିକ୍ଷା , ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ ସୁବିଧା ସହ ସ୍ଥାନୀୟ ଗ୍ରାମବାସୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ଖଣି ଖନନ ଯୋଗୁ ଜଙ୍ଗଲ ହ୍ରାସ ହେଉଥିବାରୁ ବୃକ୍ଷରୋପଣ କରିବା ଏବଂ ଯୋଡା ଅଞ୍ଚଳରେ ଉଚ୍ଚଶିକ୍ଷା ପାଇଁ ଏକ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଖଣି କମ୍ପାନୀ ଏବଂ ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଡଃ.ଭକ୍ତଚରଣ ପ୍ରଧାନ, ଯୋଡଶ ପୌରପାଳିକା ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ୍ଟଯୋଶୀ, ଚମ୍ପୁଆ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରବୀନ୍ଦ୍ରନାଥ ସାମନ୍ତରାୟ, ତହସିଲଦାର ବଡବିଲ କ୍ଷୀରୋଦ କୁମାର ବେହେରା, ଓଡିଶା ଖଣିନିଗମର ଭିଜିଲାନ୍ସ ଓ ସିଏସଆର ବିଭାଗ ମୁଖ୍ୟ ଅମ୍ବର କୁମାର କର, ଓଡିଶା ଖଣିନିଗମ ବଡବିଲ ଆଞ୍ଚଳିକ ପରିଚାଳକ ଶ୍ୟାମସୁନ୍ଦର ବାରିକ ଏବଂ ଗ୍ରାମବାସୀ ଚର୍ଚ୍ଚିଲ ମହାକୁଡ, ସାଧୁ ଚରଣ ମୁଣ୍ଡା, ସୁଶୀଲ କୁମାର ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ।

### ସଂଘ ବୈଠକରେ ୪ ପ୍ରସ୍ତାବ ଗୃହୀତ

ତେଲକୋଇ,୯।୮(ଡି.ଏନ.ଏ.)- କେନ୍ଦୁଝର ଜିଲା ତେଲକୋଇ ମୁଖ୍ୟାଳୟର ପ୍ରେସ କ୍ଲବରେ କ୍ରାନ୍ତି ଦିବସ ପାଳନ ଅବସରରେ ଚାରିଗଡ ସାମ୍ବାଦିକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ପରାମର୍ଶ ଦାତା କୈଳାଶ ଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ନୂତନ କର୍ମକର୍ତ୍ତା ଚୟନ ସହିତ ୪ଟି ପ୍ରସ୍ତାବ ଗୃହୀତ ହୋଇଥିଲା। ସଂଘର ସଭାପତି ଭାବେ ରଣଜିତ ବିଶ୍ୱାଳ, ଉପସଭାପତି ଭାବେ ପ୍ରଦୀପ କୁମାର ମିଶ୍ର ସାଧାରଣ ସମ୍ପାଦକ ଭାବେ ଅନୁକୂଳ ବିଶ୍ୱାଳ, କୋଷାଧକ୍ଷ ଭାବେ ବିକ୍ରମ କେଶରୀ ଚୈହାନ ମନୋନୀତ ହୋଇଛନ୍ତି। ଆଗାମୀ ସ୍ୱାଧୀନତା ଦିବସରେ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ସେବା କରିବା ଅଞ୍ଚଳକୁ ପଲିଥିନ ମୁକ୍ତ କରିବା ଲାଗି ସ୍ୱଚ୍ଛତା ଅଭିଯାନ ଗ୍ରହଣ କରାଯିବ। ଶେଷରେ ଚିନ୍ମୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

■ ଟ୍ରାଫିକ୍ ସମସ୍ୟା ନେଇ ଖଣି ପ୍ରତିନିଧି- ପ୍ରଶାସନ ଆଲୋଚନା

# ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ

ଯୋଡ଼ା,୯।୮(ଡି.ଏନ.ଏ.)-



ଟ୍ରାଫିକ୍ ସମସ୍ୟା ନେଇ ଯୋଡ଼ାରେ ଆଲୋଚନା ବୈଠକ।

■ ୭ ଦିନରେ ପାର୍କିଂସ୍ଥଳ ଚିହ୍ନଟ ନିର୍ଦ୍ଦେଶ
■ ପାଟ୍ରୋଲିଂ ଗାଡ଼ି ଯୋଗାଇଦେବେ ଖଣି ସଂସ୍ଥା
■ ନିୟୋଜିତ ହେବେ ଅଧିକ ସୁରକ୍ଷା କର୍ମୀ

ଭାରିଯାନରେ ଖଣିଜ ଦ୍ରବ୍ୟ ପରିବହନ ବୃଦ୍ଧି ପାଇଥିବାରୁ କେନ୍ଦୁଝର ଜିଲାରେ ଟ୍ରାଫିକ୍ ଜାମ୍ ସମସ୍ୟା ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ବାରମ୍ବାର ଆଲୋଚନା ସତ୍ତ୍ୱେ ସ୍ଥିତିରେ ସୁଧାର ଆସୁ ନାହିଁ। ଏହି ପରିପ୍ରେକ୍ଷୀରେ ଗୁରୁବାର କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ସଭା ଗୃହଠାରେ ଜଲାପାଳ ଆଶିଷ ଠାକ୍ରେ ଓ ଚମ୍ପୁଆ ଉପଜିଲାପାଳଙ୍କ ଉପସ୍ଥିତିରେ ଟ୍ରାଫିକ୍ ଅବସ୍ଥା ସୁଧାରିବା ପାଇଁ ବିଭିନ୍ନ ଖଣି କମ୍ପାନୀ ଓ କାରଖାନା ପ୍ରତିନିଧିଙ୍କ ସହିତ ଆଲୋଚନା କରାଯାଇଥିଲା। ୫୨୦ ନଂ ଜାତୀୟ ରାଜପଥ, ମୁର୍ଗା-ବିଲେଇପଦା ରାସ୍ତା, ଯୋଡା-ବାମେବାରୀ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୁଧାରିବା ଲାଗି ପ୍ରତ୍ୟେକ ଖଣି ଓ କାରଖାନା କର୍ତ୍ତୃପକ୍ଷ ନିଜସ୍ୱ ଗାଡି ପାର୍କିଂ ସ୍ଥଳ କରିବା ସହିତ ପାଟ୍ରୋଲିଂ ପାଇଁ ଗାଡି ଓ ସୁରକ୍ଷା କର୍ମୀ ନିୟୋଜିତ କରିବା ସକାଶେ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହିତ ସ୍କୁଲ ଛାତ୍ରୀଛାତ୍ର, ଆମ୍ବୁଲାନ୍ସ, ଦମକଳ ଟ୍ରାଫିକ୍ ଜାମରେ ଯେପରି ଅଟକି ନ ରହିବେ ସେ ଦିଗରେ ପ୍ରଶାସନ ନିୟମିତ ଦୃଷ୍ଟି ଦେବ ବୋଲି ଜିଲାପାଳ କହିଥିଲେ। ଟ୍ରାଫିକ୍ ନିୟମ କେହି ଅବମାନନା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଥିଲା।

ଏହି ଜିଲାର ବଲାଣି ରେଲ ସାଇଡିଂ, ବିଲେଇପଦା ରାସ୍ତାରେ ଟ୍ରାଫିକ୍ ଜାମ୍ ସମସ୍ୟା ଦୂର କରିବା ଲାଗି ଅଧିକ ସୁରକ୍ଷା କର୍ମୀ ନିୟୋଜିତ କରିବା ସକାଶେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଯୋଡା-ବାମେବାରୀ ଏକ୍ସପ୍ରେସ ରାସ୍ତାରୁ ଜାମ୍ ହଟାଇବା ପାଇଁ ଖଣି କମ୍ପାନୀ ଏଣିକି ପାଟ୍ରୋଲିଂ ଗାଡି ଯୋଗାଇଦେବା ସହ ପୋଲିସ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବାକୁ କୁହାଯାଇଥିଲା। ଯେଉଁ କମ୍ପାନୀଗୁଡ଼ିକ ଏଯାଏ ଗାଡି ପାର୍କିଂ ସ୍ଥଳ ଚିହ୍ନଟ କରିନାହାନ୍ତି, ସେମାନେ ଆଗାମୀ ୭ ଦିନ ମଧ୍ୟରେ ଏହା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କୌଣସି ସ୍ଥାନରେ ଟ୍ରାଫିକ୍ ଜାମ ହେଲେ, ଖଣି ଓ କାରଖାନା କର୍ତ୍ତୃପକ୍ଷଙ୍କ ସମେତ ଟ୍ରକ୍ ମାଲିକ, ଡ୍ରାଇଭର ଓ ଟ୍ରକ୍ ମାଲିକ ସଂଘ ଏଣିକି ଦାୟୀ ରହିବେ । ଟ୍ରାଫିକ୍ ନିୟମକୁ ଅବମାନନା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଉଲ୍ଲେଖନୀୟ ଯେ, ଗୁଆଲି ଠାରୁ ବିଲେଇପଦା ପର୍ଯ୍ୟନ୍ତ ୫୨୦ ନଂ. ଜାତୀୟ ରାଜପଥ ଓ ଯୋଡା-ଜ୍ରୁରୁଡି ବାମେବାରୀ ରାସ୍ତା, କାଳିମାଟି-ପଳାଶପଙ୍ଗା ରାସ୍ତା, ବଡ଼ବିଲ-ଭଦ୍ରାସାହି ରାସ୍ତା, ମୁର୍ଗା- ବିଲେଇପଦା ରାସ୍ତାରେ ଦୈନିକ ହଜାର ହଜାର ସଂଖ୍ୟାରେ ଖଣିଜ ବୋଝେଇ ଟ୍ରକ୍ ଚଳାଚଳ କରୁଛି। ଏଥିଲାଗି ସବୁ ସମୟରେ ଲୋକେ ରାସ୍ତା ଜାମ୍‌ରେ ଫସି ହଇରାଣ ହେଉଛନ୍ତି। ଏପରି କି ଛାତ୍ରୀଛାତ୍ରମାନେ ଠିକ୍ ସମୟରେ ସ୍କୁଲରେ ପହଞ୍ଚି ପାରୁନାହାନ୍ତି। ଜିଲା ପ୍ରଶାସନ ଏନେଇ କଟକଣା ଜାରି କରିଥିଲେ ମଧ ଖଣି ଓ କଳକାରଖାନା ସଂସ୍ଥା ଏ ଦିଗରେ କୌଣସି ଉଦ୍ୟମ କରୁ ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଖଣି ପରିବହନ ସଂସ୍ଥାଗୁଡିକ ଓଡ଼ିଶା ବାହାରୁ ବଡ ବଡ ଟ୍ରକ୍ ଆଣି ଖଣିଜ ପରିବହନ କରୁଥିବାରୁ ଖଣି ଅଞ୍ଚଳରେ ରାସ୍ତାଘାଟ ସମସ୍ୟା ସାଂଘାତିକ ହେବାରେ ଲାଗିଛି।

# ୩୭୦ ଧାରା ଉଚ୍ଛେଦ ସପକ୍ଷରେ ରାଲି

ଚମ୍ପୁଆ୯।୮(ଡି.ଏନ.ଏ.)

ଜମ୍ମୁ କାଶ୍ମୀରରେ ଦୀର୍ଘ ୭୦ ବର୍ଷ ଧରି ଚାଲି ଆସୁଥିବା ୩୭୦ ଧାରାକୁ କେନ୍ଦ୍ର ସରକାର ଉଚ୍ଛେଦ ଲାଗି ପଦକ୍ଷେପ ନେବା ପରିପ୍ରେକ୍ଷୀରେ ଶୁକ୍ରବାର ଚମ୍ପୁଆ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଏହାକୁ ସମର୍ଥନ ଓ ସ୍ୱାଗତ ଜଣାଇ ଏକ ବାଇକ ରାଲି କରାଯାଇଥିଲା । ପୂର୍ବାହ୍ନ ୧୧ଟା ବେଳେ ସେମାନେ ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରୁ ବାହାରି ସହର ପରିକ୍ରମା କରିଥିଲେ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଜିଲା ସଂଯୋଜକ ଦିବ୍ୟଜ୍ୟୋତି ନନ୍ଦ, ବ୍ଲକ ସଂଯୋଜକ ଅବିନାଶ ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପ୍ରାୟ ୫୦ରୁ ଉର୍ଦ୍ଧ ଛାତ୍ର ବାଇକ ରାଲିରେ ସାମିଲ ହୋଇଥିଲେ। ସେମାନେ ଏକ ଦେଶ ଏକ ନିୟମ ସ୍ଲୋଗାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶିଲ ରାୟ, ରାଜ କୁମାର ମହାନ୍ତ,ରାଜ କୁମାର ମହାନ୍ତ, ମାନସ କୁମାର ଗିରି, ଶୁଭମ କୁମାର ପ୍ରଧାନ, ଦୀପକ ବେହେରା ପ୍ରମୁଖ ଏଥିରେ ଯାଗଦେଇଥିଲେ।



ଏ.ବି.ଭି.ପିର ରାଲି ।

■ ଫକୀରପୁର ମଣ୍ଟୁଣୀ ଦାସ ମୃତ୍ୟୁ ଘଟଣା

# ରିପୋର୍ଟ ମାଗିଲେ ଜାତୀୟ ମାନବାଧିକାର କମିଶନ

ଆନନ୍ଦପୁର, ୯।୮(ସ୍ୱ.ପ୍ର.)

ଆନନ୍ଦପୁର ପୌରପରିଷଦ ଫକୀରପୁର ଗ୍ରାମର ଯୁବକ ମଣ୍ଟୁଣୀ ଦାଶଙ୍କ ମୃତ୍ୟୁ ଘଟଣା ସନ୍ଦେହ ଘେରରେ ଥିବାବେଳେ ଏ ନେଇ ଜାତୀୟ ମାନବାଧିକାର କମିଶନ ହସ୍ତକ୍ଷେପ କରିଛନ୍ତି। ଘଟଣାର ସତ୍ୟାସତ୍ୟ ଓ ତଦନ୍ତ ଅଗ୍ରଗତି ନେଇ କମିଶନ ଭଦ୍ରକ ଜିଲାପାଳ ଓ ଏସପିଙ୍କୁ ରିପୋର୍ଟ ମାଗିଥିବା ଜଣାପଡିଛି। ଗତ ମାସ ୧୫ ତାରିଖ ଫକୀରପୁର ଗ୍ରାମର ମଣ୍ଟୁଣୀ ଦାଶ ନିଜ ସ୍ତ୍ରୀ ଓ ପିଲାକୁ ସାଙ୍ଗରେ ଧରି ଭଦ୍ରକର ମାର୍କୋଣା ଅଞ୍ଚଳକୁ ଯାଇଥିଲେ। ଫେରିବା ବାଟରେ ପୋଲିସ ତାଙ୍କୁ ନିଶାସକ୍ତ ଅବସ୍ଥାରେ ଧରିନେଇ ମାରଧର କରିବା ପରେ ଏକ ସନ୍ଦେହଜନକ ସ୍ଥିତିରେ ତାଙ୍କର ୧୬ ତାରିଖରେ ମୃତ୍ୟୁ ଘଟିଥିଲା। ଏହି ଖବର ଗଣମାଧ୍ୟମରେ ପ୍ରମାଶ ପାଇବା ପରେ ଏହାକୁ ଆଧାର କରି ଆନନ୍ଦପୁର ଉପଖଣ୍ଡ ଶାଳଣିଆ ସୋଲପଟା ଗ୍ରାମର ବିଶିଷ୍ଟ ସମାଜସେବୀ ହିମାଂଶୁ ଶେଖର ନାୟକ ଗତ ୧୭ ତାରିଖରେ ଜାତୀୟ ମାନବାଧିକାର କମିଶନଙ୍କ ହସ୍ତକ୍ଷେପ ଲୋଡିଥିଲେ। ଜାତୀୟ ମାନବାଧିକାର କମିଶନ ୨୬.୭.୨୦୧୯ ରେ ମାମଲାଟିକୁ ପଞ୍ଜିକୃତ କରିଥିଲେ। ଜାତୀୟ ମାନବାଧିକାର କମିଶନଙ୍କ ଡାଏରୀ ନଂ ୮୨୬୧/ଆଇଏନ/୨୦୧୯ଏବଂକେସ୍ ଫାଇଲ୍ ନଂ ୨୫୫୪/୧୮/୨୦୧୯-ଏଡି ଅନୁଯାୟୀ ଭଦ୍ରକ ଜିଲା ଏସପି ଏବଂ ଭଦ୍ରକ ଜିଲା ମାଜିଷ୍ଟ୍ରେଟ୍‌ଙ୍କୁ ପକ୍ଷଭୁକ୍ତ କରି ଆଗାମୀ ମାସ ୧୫ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ଉଲ୍ଲେଖନୀୟ ଯେ, ମଣ୍ଟୁଣିଙ୍କ ବାପା କାଶୀନାଥ ଦାଶ ଶ୍ୱଶୁର ଘର ଲୋକେ ତାଙ୍କୁ ମାରିଦେଇଥିବା ଆନନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆନନ୍ଦପୁର ପୋଲିସ ଏ ନେଇ ଏକ ମାମଲା ( ନଂ .୧୨୯/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅପରପକ୍ଷରେ ମଣ୍ଟୁଣିଙ୍କ ସ୍ତ୍ରୀ ସୁମିତ୍ରା ଏବଂ ତାଙ୍କ ବାପ ଘର ଲୋକେ ଭଦ୍ରକ ପୋଲିସ ମଣ୍ଟୁଣିଙ୍କୁ ପ୍ରବଳ ମାଡ ମାରିଥିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଗଣମାଧ୍ୟମରେ ଅଭିଯୋଗ କରିଥିଲେ। ଏହି ଘଟଣା ଏବେ ମଧ ବିବାଦୀୟ ପ୍ରସଙ୍ଗ ହୋଇ ରହିଛି।

# ୭ଦିନ ପରେ ବିଦ୍ୟାଳୟ ତାଲା ଖୋଲିଲା

ଝୁମ୍ପୁରା ୯।୮ (ଡି.ଏନ.ଏ.)-




ଗ୍ରାମବାସୀଙ୍କ ସହିତ ଅଧିକାରୀଙ୍କ ଆଲୋଚନା ।

■ ଜିଲା ଶିକ୍ଷାଧିକାରୀ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କଲେ
■ ପରିଚାଳନାଗତ ସମସ୍ୟା ସୁଧାରିବାକୁ ଦିଆଗଲା ପ୍ରତିଶ୍ରୁତି

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବଡନେଉଳି ପଞ୍ଚାୟତର ବଡନେଉଳି ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ଓ ଛାତ୍ରୀଛାତ୍ର ତାଲା ପକାଇ ଧାରଣା ଦେବା ଯୋଗୁ ଲାଗି ରହିଥିବା ଅଚଳାବସ୍ଥା ୭ଦିନ ପରେ ଗୁରୁବାର ସମାଧାନ ହୋଇଛି। ବିଦ୍ୟାଳୟରେ ପରିଚାଳନାଗତ ଅବ୍ୟବସ୍ଥାର ପ୍ରତିକାର ଲାଗି ବାରମ୍ବାର ଦାବି କରି ନିରାଶ ହେବା ପରେ ଅଭିଭାବକ ଓ ଗ୍ରାମବାସୀ ଏଭଳି ଚରମ ପଦକ୍ଷେପ ନେଇଥିଲେ। ଫଳରେ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଶିକ୍ଷାଲାଭରୁ ବଞ୍ଚିତ ହେଉଥିଲେ। ଛାତ୍ରୀଛାତ୍ରମାନେ ମଧ୍ୟ ସ୍କୁଲ ଫାଟକ ସମ୍ମୁଖରେ ଧାରଣା ଦେଇ ବସି ରହିଥିଲେ। ଜିଲା ଶିକ୍ଷାଧିକାରୀ ନିଜେ ସ୍କୁଲକୁ ଆସି ସମସ୍ୟାର ସମାଧାନ କରନ୍ତୁ ବୋଲି ଗ୍ରାମବାସୀ ଅଡି ବସିଥିଲେ। ଶେଷରେ ଗୁରୁବାର କେନ୍ଦୁଝର ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ପାଟଣା ବିଧାୟକ ଜଗନ୍ନାଥ ନାଏକ, ଝୁମ୍ପୁରା ବ୍ଲକ ଶିକ୍ଷାଧିକାରୀ ଦୁଃଶାସନ ସିଂ, ବାରିଆ ଥାନା ଅଧିକାରୀ ସୁଶାନ୍ତ ମହାନ୍ତି ପ୍ରମୁଖ ସ୍କୁଲକୁ ଆସି ଦୀର୍ଘ ସମୟ ଧରି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ସମେତ ଅନ୍ୟ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବାରୁ ମଧ୍ୟାହ୍ନ ସମୟରେ ସ୍କୁଲ ଫାଟକ ତାଲା ଖୋଲା ଯାଇଥିଲା। ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର କହିଛନ୍ତି, ଘଟଣାର ଅଧିକ ଅନୁଧ୍ୟାନ କରାଯାଇ ବିଦ୍ୟାଳୟର ପରିଚାଳନାଗତ କିଛି ତ୍ରୁଟି ସୁଧାରିବାକୁ ଗୁରୁତ୍ୱ ଦିଆଯିବ। ଏଭଳି ପ୍ରତିଶ୍ରୁତି ଦେବାପରେ ସ୍କୁଲରେ ଶିକ୍ଷାଦାନ ବ୍ୟବସ୍ଥା ସ୍ୱାଭାବିକ ହୋଇଥିବା ଜଣାପଡିଛି।

### ବିବାଦୀୟ ଜମିରେ ୧୪୪ ଧାରା

ଆନନ୍ଦପୁର,୯।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା କଣ୍ଟିପାଳ ବିରିଡିହା ଗ୍ରାମର ଏକ ବିବାଦୀୟ ଜମି ଉପରେ ପ୍ରଶାସନ ୧୪୪ ଧାରା ଜାରି କରି ସଂପୃକ୍ତ ଜାଗାକୁ ପ୍ରବେଶ ଉପରେ କଟକଣା ଜାରି କରିଛି। ଏହି ଗ୍ରାମର ଜଣେ ବ୍ୟକ୍ତିଙ୍କଠାରୁ ବିରିଡିହା ଗ୍ରାମର ଜଣେ ବ୍ୟକ୍ତି ଏହି ଜମି କିଣିଥିଲେ। ଏହି ଜମିକୁ ନେଇ ବିବାଦୀୟ ସ୍ଥିତି ସୃଷ୍ଟି ହେବାରୁ ଆନନ୍ଦପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା( ନଂ ୯୨/୨୦୧୮) ରୁଜୁ କରି ତଦନ୍ତ କରିଥିଲା। ଶେଷରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠର ନିର୍ଦ୍ଦେଶ ମୁତାବକ ଆନନ୍ଦପୁର ତହସିଲ ଅଧିକାରୀଙ୍କ ଉପସ୍ଥିତରେ ଜମି ମାପଚୁପ କରାଯାଇଲେ ମଧ୍ୟ ଅପରପକ୍ଷ ଏହାକୁ ଗ୍ରହଣ କରିନାହାନ୍ତି। ଏହିପରିପ୍ରେକ୍ଷୀରେ ଉପଜିଲାପଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ୍‌ଙ୍କ ସାନୀୟ ତହସିଲଦାର ଏବଂ ଥାନା ଅଧିକାରୀଙ୍କ ସରଜମିନ୍ ତଦନ୍ତ ରିପୋର୍ଟ ଆଧାରରେ ଘ ୧୪୪ ଧାରା ଜାରି କରିଥିବା ସୂଚନା ମିଳିଛି।

# ପରୀକ୍ଷାଫଳ ପ୍ରକାଶ ନ ପାଇବାରୁ ୨୬ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାରରେ

କେନ୍ଦୁଝର, ୯।୮ (ସ୍ୱ.ପ୍ର.)

■ ପରୀକ୍ଷା ପରିଚାଳନାଗତ ତ୍ରୁଟି
■ ଉଦଳା ପରିବର୍ତ୍ତେ ବିଶ୍ୱବିଦ୍ୟାଳୟରେ ପହଞ୍ଚିଛି ପରୀକ୍ଷାଖାତା
■ ଡାକ ବିଭାଗ ଟୁଇଟ୍‌ରୁ ଜଣାପଡିଲା ତଥ୍ୟ

ଘଟଗାଁ ସ୍ଥିତ ମା' ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଗଣିତ ପରୀକ୍ଷା ଖାତା ଉଦଳା କଲେଜକୁ ଡାକରେ ପଠାଯାଇଥିଲା। ଏହା ବାଟରେ ହଜିଯିବାରୁ ଏହି ବିଷୟରେ ପିଲାଙ୍କ ପରୀକ୍ଷା ଫଳ ପ୍ରକାଶ ପାଇପାରିନାହିଁ । ଫଳରେ ସେମାନଙ୍କ ଫାଇନାଲ ପରୀକ୍ଷା ଫଳ ସ୍ଥଗିତ ରହିଛି। ଏଭଳି ପରିସ୍ଥିତିରେ ୨୬ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନେଇ ଅନିଶ୍ଚିତ ଅବସ୍ଥା ସୃଷ୍ଟି ହୋଇଛି। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏଯାଏ ଏ ସମ୍ପର୍କରେ କୌଣସି ନିଷ୍ପତ୍ତି ନେଇ ନାହ। ପରୀକ୍ଷା ଖାତା ଉଦଳା କଲେଜ ପଠାଯାଇଥିବା ବେଳେ ଏହା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟକୁ ଚାଲି ଯାଇଥିବା ଡାକ ବିଭାଗ ପକ୍ଷରୁ କରାଯାଇଥିବା ଟୁଇଟ୍‌ରୁ ତଥ୍ୟ ପଦାକୁ ଆସିଛି। ମା' ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ଅଧକ୍ଷ ଶୀଘ୍ର ପରୀକ୍ଷାଫଳ ପ୍ରକାଶ ପାଇବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ଜଣାଇଥିବା କହିଛନ୍ତି। ତେବେ ପରୀକ୍ଷାଫଳ କେବେ ପ୍ରକାଶ ପାଇବ ସେ ନେଇ କିଛି ସୂଚନା ମିଳି ନାହିଁ । ଉଚ୍ଚଶିକ୍ଷା ପାଇଁ ଆବେଦନ କରିବା ସମୟ ଅତିକ୍ରାନ୍ତ ହେବାକୁ ବସିଥିବାରୁ ଛାତ୍ରୀଛାତ୍ର ଉଚ୍ଚଶିକ୍ଷା ଲାଭରୁ ବଞ୍ଚିତ ହେବା ଆଶଙ୍କା ପ୍ରକାଶ ପାଇଛି। ଏହି ଘଟଣାର ଅନୁଧ୍ୟାନ କରି ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପଢିବାର ସୁଯୋଗ ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ଶିଶୁ ଅଧିକାର ଓ ନିର୍ବାଚିତ ପ୍ରତିନିଧିଙ୍କ ଭୂମିକା ଆଲୋଚନାଚକ୍ର

କେନ୍ଦୁଝର, ୯।୮(ଡି.ଏନ୍.ଏ.)




କର୍ମଶାଳା ଅବସରରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି ।

କଳିଙ୍ଗ କୁସୁମ ଫାଉଣ୍ଡେସନ ଓ ୟୁନିସେଫର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କାଶଭି ହୋଟେଲ ସମ୍ମିଳନୀ କକ୍ଷରେ 'ଶିଶୁ ଅଧିକାର ଏବଂ ନିର୍ବାଚିତ ପ୍ରତିନିଧିଙ୍କର ଭୂମିକା' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦୁଝର, ସୁନ୍ଦରଗଡ, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାର ଜିଲା ପରିଷଦ ସଦସ୍ୟ, ପଞ୍ଚାୟତ ସମିତି ଅଧକ୍ଷ ଏବଂ ସରପଞ୍ଚମାନେ ଯୋଗ ଦେଇଥିଲେ। ପାଟଣା ବିଧାୟକ ଜଗନ୍ନାଥ ନାଏକ, କେନ୍ଦୁଝର ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ର, ସୁନ୍ଦରଗଡ ଜିଲା ପରିଷଦ ଅଧକ୍ଷା ଇମା ଏକ୍କା, ଚାଇଲ୍ଡ ଫଣ୍ଡ ଇଷ୍ଟଜୋନର ଡାଇରେକ୍ଟର ଅଶୋକ ପଣ୍ଡା ଓ ପ୍ରୋଜେକ୍ଟ ମ୍ୟାନେଜର ହିମାଂଶୁ ସିଂହ, କଳିଙ୍ଗ କୁସୁମ ଫାଉଣ୍ଡେସନର ମ୍ୟାନେଜିଂ ଟ୍ରଷ୍ଟି ଦିବ୍ୟଚାନ୍ଦ ଶୁକ୍ଳା, ପ୍ରାକ୍ଟିକାଲ ଆକ୍ସନର ଡାଇରେକ୍ଟର ସଞ୍ଜିତ କୁମାର ବେହେରା, କେନ୍ଦୁଝର ଜିଲା ପରିଷଦ ଉପାଧକ୍ଷ ଅକ୍ଷୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। କଳିଙ୍ଗ କୁସୁମ ଫାଉଣ୍ଡେସନର ସତ୍ୟଜିତ ତରେଇ, ସ୍ୱଦେଶ କୁମାର, ଜ୍ୟୋତି ପ୍ରକାଶ ସାହୁ ଓ ରାଜଶ୍ରୀ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ଆଦିବାସୀ ସମ୍ପ୍ରଦାୟର ଉନ୍ନତି ପାଇଁ ଶିକ୍ଷା ଜରୁରୀ

ଚମ୍ପୁଆ୯।୮(ଡି.ଏନ.ଏ.)



ବିଶ୍ୱ ଆଦିବାସୀ ଦିବସରେ ପାରମ୍ପରିକ ନୃତ୍ୟ

■ ଜିଲାସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳିତ
■ ଆଦିବାସୀଙ୍କ କଳା ଓ ନୃତ୍ୟ ସଦ୍‌ଭାବନାର ଉତ୍ସ

କେନ୍ଦୁଝର ଜିଲା ଚମ୍ପୁଆ ନଗର ଭବନଠାରେ ଜିଲାସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଆଦିବାସୀ ହୋ ସମାଜ ମହାସଭା ଦ୍ୱାରା ଆୟୋଜିତ ଏହି ସମାରୋହରେ ରେ ମୁଖ୍ୟ ଅତିଥି ଭାବେ ଟାଟାଷ୍ଟିଲ, ଯୋଡାର ଅଭୟ କୁଜୁର,ସମ୍ମାନନୀୟ ଅତିଥି ଭାବେ ଚମ୍ପୁଆ ବ୍ଲକ ପୂର୍ବତନ ଚେୟାରମ୍ୟାନ ମୋତିଲାଲ ସିଂ ଲାଗୁରୀ, ରଞ୍ଜିତ ଚାମ୍ପିଆ, ଚମ୍ପୁଆ ବାର ଆସୋସିଏଶନର ବରିଷ୍ଠ ଆଇନଜୀବୀ ଅଶୋକ କୁମାର ଦାସ, ଚମ୍ପୁଆ ଉପକାରାଗାର ସୁପରିଣ୍ଟେଣ୍ଡେଣ୍ଟ ଜୀବନ ସିଂ କୁଦାଦା,ଆଦିବାସୀ ହୋ ସମାଜ ଜିଲା ସଭାପତି ଲଙ୍କେଶ୍ୱର ଗଡସରା ପ୍ରମୁଖ ଯୋଗ ଦେଇଥିଲେ।

ଆଦିବାସୀ ଯୁବତୀ ଯୁବକମାନେ ପାରମ୍ପରିକ ବେଶରେ ସଜ୍ଜିତ ହୋଇ ନୃତ୍ୟ ମାଧମରେ ଅତିଥିମାନଙ୍କୁ ମଞ୍ଚକୁ ପାଛୋଟି ଥିଲେ। ଅତିଥିମାନେ ଆଦିବାସୀ ସମ୍ପ୍ରଦାୟର ଉନ୍ନତି ପାଇଁ ଶିକ୍ଷା ଅତ୍ୟନ୍ତ ଜରୁରୀ ବୋଲି ମତ ଦେବା ସହିତ ପାରମ୍ପାରିକ ହୋ ଭାଷାର ବିକାଶ,ବ୍ୟବହାର ଓ ଲିଖନ ଲାଗି ସବୁସ୍ତରରେ ପ୍ରୟାସ ଜାରି ରହିବା ଉଚିତ ବୋଲି ମତ ଦେଇଥିଲେ। ଆଦିବାସୀ ଅଞ୍ଚଳର ବିଦ୍ୟାଳୟରେ ହୋ ଭାଷାରେ ଶିକ୍ଷା ଦିଆଗଲେ ସମ୍ପ୍ରଦାୟର ଛାତ୍ରୀଛାତ୍ର ଶିକ୍ଷା ପ୍ରତି ଆକୃଷ୍ଟ ହୋଇପାରିବେ। ଏତଦ ବ୍ୟତୀତ ପାରମ୍ପାରିକ କଳା ଓ ନୃତ୍ୟ ଆଦିବାସୀଙ୍କ ପରିଚୟର ଏକ ଉତ୍ସ। ଏହି ଉତ୍ସ ସଦଭାବନା ସୃଷ୍ଟି କରିବା ସହିତ ଆଦିବାସୀଙ୍କ ମଧ୍ୟରେ ଏକତାର ଭାବନା ବଜାଇରଖିଛି ବୋଲିଅଥଇଥି ଓ ବକ୍ତା ମତ ପ୍ରକାଶ କରିଥିଲେ। ଆଦିବାସୀ ହୋ ସମାଜ ଜିଲା ସମ୍ପାଦକ ଗୌର ଚନ୍ଦ୍ର ମୁଣ୍ଡାଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଜିଲା ସମେତ ଜିଲା ବାହାରୁ ଓ ଝାଡଖଣ୍ଡ ଅଞ୍ଚଳରୁ ବହୁ ଆଦୀବାସୀ ଯୋଗ ଦେଇଥିଲେ।

■ ନୋ-ଏଣ୍ଟ୍ରି ଜୋନ୍‌ରେ ଅବାଧ ପ୍ରବେଶ

# ଭାରିଯାନକୁ ଅଟକ ରଖିଲେ ଲୋକେ

ବଡବିଲ, ୯।୮(ସ୍ୱ.ପ୍ର.)




ଚିପ୍ସ ବୋଝେଇ ଭାରିଯାନ।

କେନ୍ଦୁଝର ଜିଲା ବଡବିଲ ପୌରାଞ୍ଚଳ ଦେଇ ଭାରିଯାନ ଚଳାଚଳ ଉପରେ ସକାଳ ୬ଟାରୁ ଅପରାହ୍ନ ଗୋଟାଏ ଏବଂ ଅପରାହ୍ନ ୩ଟାରୁ ରାତି ୮ଟା ପର୍ଯ୍ୟନ୍ତ ପ୍ରଶାସନ ଅଙ୍କୁଶ ଲଗାଇଥିଲେ ହେଁ ସରକାରୀ କାର୍ଯ୍ୟ ଆଳରେ ଏହି ନୋ-ଏଣ୍ଟ୍ରି ଜୋନରେ ଭାରିଯାନ ଅବାଧରେ ପ୍ରବେଶ କରୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ପ୍ରଶାସନ ସହ ଅଞ୍ଚଳବାସୀଙ୍କ ଆଲୋଚନା ପରେ ଜିଲା ପ୍ରଶାସନ ଏହି କଟକଣା ଜାରି କରିଥିଲା। ପ୍ରଶାସନିକ ହୁଗୁଳା ବ୍ୟବସ୍ଥା ଯୋଗୁଁ ଏହି ଆଦେଶ ଠିକ୍ ଭାବେ କାର୍ଯ୍ୟକାରୀ ହେଉନ ଥିବାରୁ ରାଜ୍ୟ ରାଜପଥ ଓ ଜାତୀୟ ରାଜପଥ ଅଧିକାଂଶ ସମୟରେ ଭାରିଯାନ ଦ୍ୱାରା କବଳିତ ହୋଇ ରହୁଛି। ବଡବିଲରୁ ବିଲେଇପଦା ପର୍ଯ୍ୟନ୍ତ ୧୮ କ.ମି. ରାସ୍ତା ଅତିକ୍ରମ କରିବାକୁ ସାଧାରଣ ଲୋକେ ବହୁ ହଇରାଣ ହେଉଛନ୍ତି। ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ଜାମ ହେଉଥିବାରୁ ବସ୍ ସମେତ ଘରୋଇ ଯାନବାହନ ଏଥିରେ ଫଶି ରହୁଥିବାରୁ ଲୋକେ ଯାତ୍ରା କରି ନ ପାରି ହଇରାଣ ହେଉଛନ୍ତି। ଏହି ସମସ୍ୟାର କୌଣସି ସ୍ଥାୟୀ ସମାଧାନର ବାଟ ପ୍ରଶାସନ ବାହାର କରି ପାରୁ ନାହିଁ । ଟ୍ରାଫିକ ସମସ୍ୟା ସୁଧାରିବାକୁ ଅଞ୍ଚଳରେ ଖଣି ଓ କାରଖାନା କର୍ତ୍ତୃପକ୍ଷ କେତେକ ସ୍ଥାନରେ ସୁରକ୍ଷାକର୍ମୀ ନିୟୋଜିତ କରିଥିଲେ ମଧ ବଡବିଲ ସହରର ୪ଟି ମୁଖ୍ୟ ଛକ ଭଦ୍ରାସାହି, ଗୋପବନ୍ଧୁ, ଡାକବଙ୍ଗଳା ଓ ଲେବଲକ୍ରସିଂ ଛକର ସ୍ଥିତି ସୁଧୁରୁ ନାହିଁ । ପ୍ରଶାସନର ନିଷେଧାଦେଶ ସତ୍ତ୍ୱେ ବହୁ ଭାରି ଯାନ ସହରାଞ୍ଚଳ ଦେଇ ଯାତାୟାତ କରୁଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ତୀବ୍ର ପ୍ରତିକ୍ରିୟା କରୁଛନ୍ତି।

ଶୁକ୍ରବାର ସକାଳ ୬ଟା ସମୟରେ ବଡବିଲ ପୌରକାର୍ଯ୍ୟାଳୟ ନିକଟ ଦେଇ ଯାଉଥିବା ଏକ ଚିପ୍ସ ବୋଝେଇ ଭାରିଯାନକୁ ଲୋକେ ଅଟକାଇ ପ୍ରତିବାଦ ଜଣାଇଛନ୍ତି। ବଡବିଲ ପୌରକାର୍ଯ୍ୟାଳୟ ନିକଟରେ ଥିବା ଶିକ୍ଷାନୁଷ୍ଠାନରେ ସର୍ବାଧିକ ଛାତ୍ରୀଛାତ୍ର ଅଧୟନ କରୁଛନ୍ତି। ସେମାନେ ଯାତାୟତ କରିବା ସମୟରେ ଟ୍ରାଫିକ ଜାମରେ ଫଶି ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୁକ୍ରବାର ଲୋକେ ଅଟକ ରଖିଥିବା ଭାରିଯାନ ସମ୍ମୁଖ କାଚରେ 'ପିଡବ୍ଲୁଡି ୱାର୍କ, ଭଦ୍ରାସାହି-ଟୁ-ବଡବିଲ, ନଟ-ଟୁ ବି ଡିଟେଣ୍ଡ' ଲେଖା ରହିଥିବା ଦେଖିବାକୁ ମିଳିଥିଲା। ସ୍କୁଲ ସମୟରେ ବ୍ୟସ୍ତବହୁଳ ରାସ୍ତା ଦେଇ ଛାତ୍ରୀଛାତ୍ର ଯାତାୟାତ କରିବାକୁ ଅଭିଭାବକମାନେ ବିରୋଧ କରି ଆସୁଥିବା ବେଳେ ସରକାରୀ ବିଭାଗ ନାମରେ କୌଣସି ପରିବହନ ସାମଗ୍ରୀ ନ ନେଇ ଭାରି ଯାନ ଚଳାଚଳ କରିବା ଚର୍ଚ୍ଚାକୁ ଆସିଛି। ସେଠାରେ ଉପସ୍ଥିତ ଥିବା ସଂପୃକ୍ତ ଭାରିଯାନ ମାଲିକ ନିଜ ତ୍ରୁଟି ସ୍ୱୀକାର କରିବା ପରେ ଏହାକୁ ଅଟକ ରଖିଥିବା ଅଭିଭାବକ ଲେଖା ଖୋଲିଦେବାକୁ ଗାଡିର ଚାଳକଙ୍କୁ କହିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଶାସନ ପକ୍ଷରୁ ନୋ-ଏଣ୍ଟ୍ରି ବ୍ୟବସ୍ଥାକୁ କଡାକଡି ଭାବେ ପାଳନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।